
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ଅପ୍ରେଲ୍ ୨୦୧୭
ମୂଲ୍ୟ : ୨୫ ଟଙ୍କା
vedanta





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉକ୍ରର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶଙ୍ଖ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
ପ୍ରାଚୀ
Vol.-3, April 2017, Issue No. I
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ପ୍ରଜ୍ଞା ପରିମିତା**
**ବନଲତା ସିଂହ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦକ :
**ମନୋଜ କୁମାର ବିଶ୍ୱାଳ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**
**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

## ଏଇ ସଂଖ୍ୟାରେ...

- ପଚାରନା ମୋତେ କାନ୍ଦେ କାହିଁକି
  ଗୀତାଞ୍ଜଳି ନାୟକ ୭
- ସବୁକିଛି ଦେହସୁହା ହୋଇଗଲା ପରେ
  ଦିପୁନ୍ ପୁହାଣ ୯
- ନରେନ୍ ବୁଢ଼ୀ
  ସୁଧାକର ପ୍ରଧାନ ୧୪
- **ଉତ୍ତୀର୍ଣ୍ଣ ମଧ୍ୟାହ୍ନ**
  ସୁଦର୍ଶନ ଅଗସ୍ତି ୧୬
- ପାପନାଶିନୀ
  ଅଭିମନ୍ୟୁ ବେହେରା ୨୦

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି **ପହଞ୍ଚିବା** ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................

ଠିକଣା .................................... ପିନ୍‌କୋର୍ଡ଼ .............................

ମୋବାଇଲ୍ ନମ୍ବର .................................... ଇ-ମେଲ୍ .............................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................... ତାରିଖ.............................

ବ୍ୟାଙ୍କ୍.................................... ସ୍ଥାନ.............................

ତାରିଖ.................................... ଦସ୍ତଖତ.............................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.in

# ପଚାରନା ମୋତେ କାନ୍ଦେ କାହିଁକି

**ଗୀତାଞ୍ଜଳି ନାୟକ**

ସୁରିଆ ମେଡ଼ିକାଲରୁ ଲୁହପୋଛି କାନ୍ଧରେ ପିଲାଟିଏ ପକେଇ ବାହାରି ଆସିଲା । ବହୁଦୂର ଗାଁ ତାର । ଗାଁ କୁ ଫେରିଯିବ । ଗାଁକୁ ଫେରି ସେ ତାର ସ୍ତ୍ରୀକୁ କ'ଣ **ଉତ୍ତର** ଦେବ । ଭାବି ଭାବି ମୁଣ୍ଡ ତା'ର ଘୂରିଗଲା । ଗଛ ଛାଇରେ ଥକ୍କାମାରି ବସିପଡ଼ିଲା । ହେଲେ,ଏ କ'ଣ ଗଛତଳେ କି ଗରମ ପବନ । ଦେହ ଫୋଟକା ହେଲାପରି ଲାଗୁଛି । ସେ ପବନ ଦେବତାଙ୍କୁ ଡାକିଲା, ତୁମ ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହୁଏ । ଆଜି ଏ କ'ଣ ? ପବନ ଦେବତା ଆସିଲେ, ସୁରିଆ ପଚାରିଲା ପବନ ଦେବ ତୁମ ଆଖିରେ ପୁଣି ଲୁହ ? କାହିଁକି କାନ୍ଦୁଛ ? ଆମେ ସିନା ମନୁଷ୍ୟ ଆମର ଦୁଃଖ, ହେଲେ ତୁମର କ'ଣ ଦୁଃଖ ? ପବନ ଦେବତା କହିଲେ ମତେ ପଚାରନି ମୋର କେତେ ଦୁଃଖ, ମୁଁ ଆସିଥିଲି ସୃଷ୍ଟିକୁ ତୁମମାନଙ୍କୁ ମୋର ସ୍ପର୍ଶରେ ଆନନ୍ଦ ଦେବାକୁ । ସମାଜର ଜୀବ ଜଗତର ମଙ୍ଗଳ କରିବାକୁ । କୋଟି କୋଟି ଜୀବର ମୁଁ ହେଉଛି ପ୍ରାଣ । ହେଲେ ତୁମ କଷ୍ଟ ଦେଖି ମୁଁ ସହି ପାରୁନି, ମୋ **କର୍ତ୍ତବ୍ୟକୁ** ତୁମମାନଙ୍କ ଭଳି ମନୁଷ୍ୟମାନେ ଛଡେଇ ନେଇଛନ୍ତି । କଳ କାରଖାନା ସ୍ଥାପନକରି ମୋତେ ବିଷାକ୍ତ କରିଦେଉଛନ୍ତି । ଜଙ୍ଗଲକାଟି ସଫା କରିଦେଉଛନ୍ତି । ଗାଡ଼ି ମଟର ଆହୁରି ଅନେକ କାରଣ ଯୋଗୁଁ ମୋତେ ଦୂଷିତ କରୁଛନ୍ତି । ଏସବୁ କାରଖାନାରୁ ଓ ଗାଡ଼ିରୁ ନର୍ଗତ ମାରାତ୍ମକ ଗ୍ୟାସ ମୋତେ କଳୁଷିତ କରିବା ସଙ୍ଗେ ସଙ୍ଗେ ନିଜର ମଧ କ୍ଷତି କରିଚାଲିଛନ୍ତି । ଏହାଦ୍ୱାରା ଚର୍ମ କ୍ୟାନସର ଭଳି ମାରାତ୍ମକ ରୋଗ ସୃଷ୍ଟି ହେଉଛି । ବଡ଼ ବଡ଼ **ସିମେଣ୍ଟ** କାରଖାନାର ଧୂଳିରେ ଫୁସ୍ ଫୁସ୍ କ୍ୟାନସର ହେଉଛି । ଏତଦ୍ୱାରା ତାପମାତ୍ରା ବଢ଼ିବା ସଙ୍ଗେ ସଙ୍ଗେ ବର୍ଷା ହେବାରେ ମଧ ଅନିୟମିତତା ଦେଖା ଦେଉଛି । କେତେ ଫୁଲର ସୁଗନ୍ଧରେ ମୁଁ ସୁଗନ୍ଧିତ ଥିଲି, ମୋର ଶୀତଳ, ସୁଗନ୍ଧିତ ପବନରେ ତୁମେ କେତେ ଆନନ୍ଦ ପାଉଥିଲ । ହେଲେ ଅଳିଆ, ଆବର୍ଜନା, ନାଳ, ନର୍ଦ୍ଦମା, ଦୁର୍ଗନ୍ଧରେ ମୁଁ ବ୍ୟତିବ୍ୟସ୍ତ ହୋଇ ପଡିଲିଣି । ସଂସାରର ମଙ୍ଗଳ ପାଇଁ ଆସି, ତୁମ ଲୁହ ପୋଛି ପାରିଲି ନାହିଁ । ମୁଁ ନିରୂପାୟ, ମୋତେ କ୍ଷମାକର ।

ଲୋକଟି କାନ୍ଧରେ ପିଲାଟିକୁ ସେମିତି ପକେଇ ଖରାରେ ଚାଲିଥାଏ । ଆଖିରୁ ଲୁହ ଶୁଖୁନଥାଏ । ନଦୀଟିଏ ବାଟରେ ପଡ଼ିଲା । ପାଣି ଦି ଢୋକ ପିଇ ଆଗକୁ ଯିବ ଭାବି ନଦୀକୁ ଗଲା । ହେଲେ ଏ କ'ଣ, ଦୁର୍ଗନ୍ଧରେ ନାକ ଫାଟି ଯାଉଛି । ସେ ନଦୀ ମା'କୁ ପାଣି ଟିକେ ପାଇଁ ନିବେଦନ କଲା । ମା' ଆସିଲେ, ହେଲେ ଯାହାବିନା ସୃଷ୍ଟି ଆସମ୍ଭବ ତାଙ୍କ ଆଖିରେ ଲୁହ ଧାର ଧାର ବହି ଯାଉଥାଏ । ଏ କ'ଣ ! ତାଙ୍କୁ ଯେପରି ଅସରନ୍ତି ଦୁଃଖରେ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରିଛି । କାହିଁ ତାଙ୍କର ସେହି କୁଳୁ କୁଳୁ ସ୍ୱର, ଅପରୂପା ସ୍ରୋତସ୍ୱିନୀ ରୂପ । ସୁରିଆ ପଚାରିଲା ମା' କାହିଁକି କାନ୍ଦୁଛ, ତୁମର ପୁଣି କ'ଣ ଦୁଃଖ ? ନଦୀ ଦେବୀ କହିଲେ ପଚାରନି ମୋତେ, କାନ୍ଦୁଛି ମୁଁ କ'ଣ ପାଇଁ ? ତୁ ମୋର ସନ୍ତାନ ହୋଇ ମୁଁ ତୋ **ତଣ୍ଟି** ଶୁଖିଯିବା ବେଳେ ପାଣି ଟିକେ ଦେଇ ପାରୁନି । କାହିଁ କେତେ ଦୂରରୁ ମୁଁ ଧାଇଁ ଆସିଥିଲି ପାହାଡ ଫଟେଇ ବହୁକଷ୍ଟ ସହି ତୁମମାନଙ୍କ ଦୁଃଖ ଦୂର କରିବି ବୋଲି । ପୃଥିବୀକୁ ଶସ୍ୟ ଶ୍ୟାମଳା କରିବି । ତୁମାମନଙ୍କ ଚାଷବାସ ପାଇଁ ପାଣି ଯୋଗେଇବି । ହେଲେ ମୋ ପାଣିକୁ କିଏ ନାଳ

ନର୍ଦ୍ଦମାର ଗନ୍ତାଘର କରିସାରିଲେଣି । କିଏ ପୁଣି କଳ, କାରଖାନାର ବିଷାକ୍ତ ଜିନିଷ ମୋ ପାଣିକୁ ଛାଡିଲେଣି । କିଏ ପାଣିକୁ ଅଟକେଇ ବିଜୁଳିଶକ୍ତି ବାହାର କରୁଛନ୍ତି । ମୁଁ ପୂର୍ଣ୍ଣଗର୍ଭା ବଦଳରେ ଶୂନ୍ୟଗର୍ଭା ହୋଇଯାଇଛି । ମୋ କୋଳରେ ରୂପାଭଳି ଚକ୍‌ଚକ୍ କରୁଥିବା ମାଛ ଆଉ ଖେଳୁ ନାହାନ୍ତି । ସେମାନେ ବିଷାକ୍ତ ପାଣିରେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ନଦୀକୁ ନେଇ କବିମାନେ ଆଉ କବିତା ଲେଖୁ ନାହାନ୍ତି । ଭାଗିରଥୀ ତପସ୍ୟା କରି ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ **ମର୍ତ୍ତ୍ୟକୁ** ଗଙ୍ଗା ଆଣିଥିଲେ । ହେଲେ ଗଙ୍ଗା ଦୁଃଖ ନ କହିଲେ ଭଲ । ହେଲେ ମୁଁ **ବଞ୍ଚି** ମଧ ମୃତ ପ୍ରାୟ । ମୁଁ ଅମୃତ ଦେବା ବଦଳରେ, ମୋ ସନ୍ତାନମାନଙ୍କୁ ବିଷ ଦେଉଛି । ଏହାଠୁ ଦୁଃଖ କ'ଣ ଅଛି ? ଯାହାର ପରିଣାମ ସ୍ୱରୂପ ତୁମ କାନ୍ଧରେ ନିସ୍ତେଜ ହୋଇ ପଡିଥିବା ସନ୍ତାନ । ସୁରିଆ, ଆଖିର ଲୁହକୁ ସାହାରା କରି ହାରାସ ହୋଇ ଆଗକୁ ଚାଲିଲା । ମନେ, ମନେ ଭାବୁଥାଏ ପାଣି, ପବନ ଟିକେ ପାଇବା ପାଇଁ ମନୁଷ୍ୟ ଏତେ ବିକଳ, ଆମ ପିଲାବେଳେ ପହିଲି ଆଷାଢ଼ର ଝିପ୍‌ଝିପ୍ ବର୍ଷାରେ ଭିଜି, ଭିଜି ବାଦଲ ପଛରେ ଧାଇଁବା, ହୀରାଭଳି ଟପ୍ ଟପ୍ ଆକାଶରୁ ଖସୁଥିବା କୁଆପଥର ଖାଇବା, ଭିଜା ମାଟିର ପୁଣି କି ବାସ୍ନା, ଏବେ ଯେମିତି ସବୁ ସ୍ୱପ୍ନ । ଇନ୍ଦ୍ରରାଜା ଯେମିତି କୃପା ବର୍ଷା ପୃଥିବୀ ଉପରେ କରିଥାନ୍ତି । ଧରଣୀ ରାଣୀ ସଜେଇ ହୋଇ ପବନରେ ଦୋଳି ଖେଳୁଥାଏ । ଆଉ ବର୍ଷକୁ ଥରେ ଇନ୍ଦ୍ରରାଜା ତାଙ୍କ ପୃଥିବୀକୁ ସେମିତି ଅପଲକ ନୟନରେ ଚାହିଁଥାନ୍ତି । ଏସବୁକୁ ମନେ ପକେଇ ସୁରିଆ ଏତେବାଟ ଚାଲିଆସିଲାଣି ତାର ଧାରଣା ନାହିଁ । ଘରେ ତାର ସ୍ତ୍ରୀ ଦୌଡ଼ି ଆସିଲା, ଦାଣ୍ଡ ଦୁଆରକୁ, ପୁଅକୁ କୋଳେଇ ନେଇଗଲା । ହେଲେ ପୁଅ ଦେହରେ ପ୍ରାଣ ନଥିଲା । ଏହା ଦେଖି ସେ ମୂର୍ଚ୍ଛା ହୋଇଗଲା । ପୁଅ ତାର ଜଣ୍ଡିସ୍ ଆକ୍ରାନ୍ତରେ ସହରକୁ ଯାଇଥିଲା ଚିକିତ୍ସା ପାଇଁ । ସାହି, ପଡ଼ିଶା ପଚାରିଲେ କାହିଁକି କାନ୍ଦୁଛ ? ସୁରିଆ **ଉତ୍ତର** ଦେଲା, ପଚାରନି ମୋତେ କାନ୍ଦୁଛି କାହିଁ । ସୁରିଆ କାହାଦୁଃଖ ପାଇଁ କାନ୍ଦୁଛି । ନଦୀର ଦୁଃଖ, ନାଁ ପବନର ଦୁଃଖ, ନାଁ ଜୀବଜଗତର ଦୁଃଖରେ, ନାଁ ନିଜ ପୁଅ ଅପରିଷ୍କାର ପାଣି ପିଇ ଜଣ୍ଡିସ୍‌ରେ ମରିଯିବାର ଦୁଃଖରେ । ଆମର ସଚେତନତା ଅଭାବରୁ ସମସ୍ତେ ନିଷ୍କ୍ରିୟ । ନଦୀ, ପବନ ନିଜେ ବା ନିଜକୁ କିପରି ସଫା କରିବେ, ଆମେ ତ ବିଷାକ୍ତ କରିବାର ସବୁସୀମା ଟପି ଯାଉଛୁ । ଯାହାଫଳରେ ସୁରିଆ ଭଳି ବେସାହାର ଜୀବନ କାଟିବାକୁ ପଡୁଛି ।

ତେଣୁ ନିଜେ ନିଜକୁ **ବଞ୍ଚାନ୍ତୁ** । ନିଜର ସକ୍ଷମ ଅନୁସାରେ ଦୁଇ ଚାରିଟା ଗଛ ବର୍ଷକୁ ଯେ କୌଣସି ସ୍ଥାନରେ ଯେଉଁଗଛ ହେଉ ଲଗାନ୍ତୁ । ନିଜ ଦ୍ୱାରା ସମ୍ଭବ ହେଲାଭଳି ମଇଳା ଆବର୍ଜନା ସଫା କରନ୍ତୁ । ସମସ୍ତେ ଯାନବାହନର ବ୍ୟବହାର ଆବଶ୍ୟକ ନଥାଇ କରନ୍ତୁ ନାହିଁ । ନଦୀ, ଜଳ, ପବନ, ବୃକ୍ଷ ଆମର ଉପକାର ପାଇଁ ସୃଷ୍ଟି ହୋଇଛନ୍ତି । ନିସ୍ୱାର୍ଥରେ ଏମାନେ ମନୁଷ୍ୟମାନଙ୍କର ସେବା କରି ଚାଲିଥାନ୍ତି । ଏମାନେ ଆମର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦରକାର ବୋଲି ଭୁଲି ଯାଆନ୍ତୁ ନାହିଁ । ତେଣୁ ଯାହାର ଯେତିକି କରିବାର ସକ୍ଷମ ତାହା କରନ୍ତୁ ।

ନୂଆପଡ଼ା, ବାଲିସାହି, କଟକ

୦୦୦

# ସବୁକିଛି ଦେହସୁହା ହୋଇଗଲା ପରେ

**ଦିପୁନ୍ ପୁହାଣ**

ମଞ୍ଜୁଳାଙ୍କ ହସ ହସ ମୁହଁରେ ହଠାତ୍ କାଳ ବୈଶାଖୀର ବିଭୀଷିକା । ବରଡ଼ା ପତ୍ରପରି ଥରିବାକୁ ଲାଗିଲେ ଅଧାପିକା ମଞ୍ଜୁଳା ମହାନ୍ତି । ଡାଲିଆ, ରଜନୀ ଗନ୍ଧା ଓ ରକ୍ତ ଗୋଲାପ ମିଶ୍ରିତ ଫୁଲ ତୋଡ଼ାଟି ହାତରୁ ଖସିଯାଇ ଏକ ବିକୃତ ରୂପ ଧାରଣ କରୁଥିଲା ଚଟାଣ ଉପରେ । ମୁଣ୍ଡଟା କେମିତି କେମିତି ଘୂରି ଯାଉଥାଏ । ପୁରୁଣା ରକ୍ତଚାପର ପ୍ରଭାବ ଅନୁଭବ କରି ହେଉଥାଏ ଦେହସାରା ।

ଶ୍ରୀଧରଙ୍କ ବେଡ୍ ରୁମ୍‌କୁ ବଢ଼ାଇଥିବା ପାଦକୁ ପଛକୁ ଫେରାଇନେଇ ଡ୍ରଇଁରୁମ୍‌ର ସୋଫା ଉପରେ ଲଥ୍‌କିନା ବସିଗଲେ ମଞ୍ଜୁଳା । ଆଖି ଆଗର ଦୃଶ୍ୟ ସବୁ ଆଖି ଲୁହରେ ଝାପ୍‌ସା ଦିଶିବା ପୂର୍ବରୁ ଥରୁଟିଏ ପାଇଁ ଆଖି ପହଁରେଇ ନେଲେ କାନ୍ଥରେ ଝୁଲୁଥିବା ଘଡ଼ି ଉପରେ । ରାତି ୧୨ଟା ବାଜି ୫ ମିନିଟ୍ । ୫ମିନିଟ୍ ପୂର୍ବରୁ ଯେଉଁ ଉତ୍ସାହ ଯେଉଁ ଉଦ୍ଦୀପନା ତାଙ୍କୁ ସୁଦୂର ବ୍ରହ୍ମପୁର ସହରରୁ ଭୁବନେଶ୍ୱର ଯାଏଁ ଟାଣି ଆଣିଥିଲା । ଏହି ୫ମିନିଟ୍ ମଧରେ ପାଣି ଫୋଟକା ପରି ତାହା ମିଳେଇ ଗଲାଣି ତାଙ୍କ ଆଖିର ଅମାନିଆ ଲୁହର ଧାରାରେ । ଛାତିତଳର ବାଷ୍ପରୁଦ୍ଧ କୋହ ସବୁ ଆଖି ଓ ଓଠକୁ ପୂର୍ଣ୍ଣରୂପେ ସଂକ୍ରମିତ କରିବା ପୂର୍ବରୁ ମୋବାଇଲର ମୃଦୁ ଗୁଞ୍ଜନରେ ଚିହିଁକି ଉଠିଲେ ମଞ୍ଜୁଳା । ଭ୍ୟାନିଟ୍ ବ୍ୟାଗ୍‌ରୁ ଫୋନ୍ ବାହାର କରି ଦେଖିଲେ ଶୋଭାଙ୍ଗୀ କଲ୍ କରିଛି । ଇଛା ନଥିଲେବି ଯନ୍ତ୍ରଚାଳିତ ଭାବରେ ମୋବାଇଲ୍ ଛାତିରେ ହାତଘସି କଲ୍ ରିସିଭ୍ କଲେ ।

"ହ୍ୟାଲୋ

ହାପି ମ୍ୟାରେଜ୍ ଆନିଭର୍ସରି ମମି"

ପ୍ରତିଉତ୍ତରରେ ଶୁଭାଙ୍ଗୀକୁ କ'ଣ କହିବେ କି ନ କହିବେ ଭାବୁ ଭାବୁ ସେ ପାଖରୁ ପୁଣି ଶୁଭାଙ୍ଗୀର ସ୍ୱର ଶୁଭାଗଲା ।

"ମୁଁ ଜାଣିଛି ମମି, ତୁମେ ଆଜି ସିଓର ଭୁବନେଶ୍ୱର ଯାଇଥିବ, ବାପାଙ୍କ ସହ ମିଟ୍ କରିବାକୁ । ଜାଣିଛ ! ମୁଁ ବି କାଲି ମର୍ଣ୍ଣିଂରେ ଗ୍ରାଣ୍ଡ୍ ପା ଓ ଗ୍ରାଣ୍ଡ୍ ମା'ଙ୍କ ସହ ଭୁବନେଶ୍ୱର ଯାଉଛି ତୁମ ମ୍ୟାରେଜ୍ ଆନିଭର୍ସରି ସେଲିବ୍ରେସନ୍ କରିବାକୁ ।

ନୂଆ ନୂଆ ଇଂରାଜୀ ଶିଖୁଥିବା ସାତ ବର୍ଷର ଝିଅ ଶୁଭାଙ୍ଗୀ, ଅଝଟିଆ ଝରଣା ଟି ପରି ପଥରର ଛାତିରେ ମୁଣ୍ଡ ପିଟି ପିଟି କି ରାଗିଣୀ ଗାଉଥିଲା କେଜାଣି ? ପଥର କିନ୍ତୁ ନୀରବ, ନିଶ୍ଚଳ, ପ୍ରତିକ୍ରିୟା ଶୂନ୍ୟ । ସବୁକିଛି ଜାଣିବି ନ ଜଣାଇ ପାରିବା ବୁଝିବି ନ ବୁଝାଇ ପାରିବାର ଅସାମର୍ଥ୍ୟ ପଣିଆରେ ଉପାୟଶୂନ୍ୟ ମଞ୍ଜୁଳାଙ୍କ ବାକ୍ ଯନ୍ତ୍ରଟି ସତେ ଯେପରି ମୂକ ପାଲଟି ଯାଇଥିଲା ।

ମଞ୍ଜୁଳାଙ୍କ ପାଖରୁ କୌଣସି ଉ ର ନପାଇ ଶୁଭାଙ୍ଗୀ ସେ ପାଖରୁ ଫୋନ୍ ରଖିସାରିବଣି କି କ'ଣ ! ସେଥିପ୍ରତି ନିଷା ନଥିଲା ତାଙ୍କର । ଦୃଶ୍ୟମାନ ଜଗତରୁ ଭାବନାର ଡେଣା ପିଟି ପିଟି କେଉଁ ଅତୀତର ଇଲାକାକୁ ଉଡ଼ି ଯାଉଥିଲେ ଅଧାପିକା ମଞ୍ଜୁଳା ମହାନ୍ତି । ସ୍ମୃତିର କବର ତଳୁ ୭ବର୍ଷ ତଳର ଜୀର୍ଣ୍ଣ ଅତୀତର ଘଟଣା କ୍ରମ ଭାସି ଆସୁଥାଏ ତାଙ୍କ ଆଖି ଆଗରେ ।

୧୧ ଜାନୁୟାରୀ, ଆଜିକୁ ଠିକ୍ ୭ ବର୍ଷ ତଳେ ଠିକ୍ ଆଜିର ଦିନରେ ଶ୍ରୀଧରଙ୍କ ହାତ ଧରି ସାରାଜୀବନ ବାଟ ଚାଲିବାର ସଂକଳ୍ପ ନେଇ ଏକ

ତୁମୁଳ କାଣ୍ଡ ଘଟାଇଥିଲେ ମଞ୍ଜୁଳା । ଘର ଲୋକଙ୍କ ଅରାଜି ଓ ସାଙ୍ଗସାଥି ବନ୍ଧୁବାନ୍ଧବଙ୍କ ଯେତେ ସବୁ ମନ୍ତ୍ରଣା ତାଙ୍କ ଦୃଢ଼ ସଂକଳ୍ପ ଆଗରେ ହାର୍ ମାନିଥିଲା ଯେତେବେଳେ ଶ୍ରୀଧରଙ୍କ ସହ ସେ ରେଜେଷ୍ଟି ମ୍ୟାରେଜ୍ କରି ଘରକୁ ଫେରିଥିଲେ । ବାପା ମାଆଙ୍କ ଆଶୀର୍ବାଦ ପାଇବାର ସୌଭାଗ୍ୟ ସେଦିନ ମିଳିନଥିଲା ନବଦମ୍ପତ୍ତିଙ୍କ ଭାଗ୍ୟରେ । ନିଜ ଆତ୍ମ ସ୍ୱାଭିମାନ୍ ଓ ବଂଶ ମର୍ଯ୍ୟାଦାକୁ ଯାବୁଡ଼ି ଧରି ବାପା ସୋମନାଥ ମହାପାତ୍ର ନିଜର ଜ୍ୟେଷ୍ଠା କନ୍ୟାକୁ ତେଜ୍ୟା ସନ୍ତାନ କରିଦେବା ଠାରୁ ଆରମ୍ଭ କରି ବନ୍ଧୁ ବାନ୍ଧବ ଓ ସାଙ୍ଗସାଥୀଙ୍କ ଟାହି ଟାପରା ପର୍ଯ୍ୟନ୍ତ ସବୁକିଛିକୁ ସହ୍ୟ କରି ଶ୍ରୀଧରଙ୍କ ଲୋମଶ ବାହୁରେ ହାତ ଛନ୍ଦି ସେ ସଗର୍ବରେ ଚାଲି ଆସିଥିଲେ ବାପଘର ଛାଡ଼ି ଶ୍ରୀଧରଙ୍କ ଘରକୁ । ଆଉ ତା ପରେ ......

ଶ୍ରୀଧରଙ୍କ ବେଡ୍ ରୁମ୍ ଭିତରର ଦୃଶ୍ୟ । ଯାହା ଆଜି ତାଙ୍କ ପାଇଁ ଆଉ ନୂଆ ନୁହେଁ ଏକ ଦେହ ସୁହା ଘଟଣାର ପୁନରାବୃତ୍ତି ମାତ୍ର । କିନ୍ତୁ ପ୍ରଥମେ ପ୍ରଥମେ ବଡ଼ ଅସ୍ୱସ୍ତିକର ବୋଧ କରୁଥିଲେ ମଞ୍ଜୁଳା । ଦାମ୍ପତ୍ୟ ଜୀବନର ସୁଖ ସୌଭାଗ୍ୟର କେନ୍ଦ୍ରବିନ୍ଦୁ ସାଜିଥିବା ସ୍ୱାମୀଙ୍କର ଶୟନ କକ୍ଷ ଥିଲା ତାଙ୍କ ପାଇଁ ଏକ ଦୁରୂହ ଦହନ । ସ୍ୱାମୀଙ୍କ ଶୟନ କକ୍ଷ ସ୍ୱାମୀଙ୍କ ସାନ୍ନିଧରେ ଶୋଇବାର ଆଶା ସବୁ ଧୂଳିସାତ୍ ହୋଇ ଯାଇଥିଲା ବିବାହର କେଇଦିନ ପରେ । କିନ୍ତୁ ଏ ନିଷ୍ପତ୍ତି ନେଇଥିଲେ ସ୍ୱୟଂ ମଞ୍ଜୁଳା ମହାନ୍ତି । ସ୍ୱାମୀଙ୍କ ଠାରୁ ଅଲଗା ସୁଦୂର ବ୍ରହ୍ମପୁର ସହରରେ ରହିବାର ନିଷ୍ପତ୍ତି । ଯଦିଓ ଏଥିରେ ଆପତ୍ତି କରି ନଥିଲେ ସ୍ୱାମୀ ଶ୍ରୀଧର ମହାନ୍ତି ।

"ତୋ ସ୍ୱାମୀ ଜଣେ ଭଲ ଡାକ୍ତର ହୋଇଥାଇ ପାରନ୍ତି ମଞ୍ଜୁଳା । କିନ୍ତୁ ମଣିଷ ହିସାବରେ ନାନା ବଦ୍‌ନାମ୍‌ର ଅଧିକାରୀ । କ୍ଲବ୍, ପାର୍ଟି, କଲଗର୍ଲ, ଡ୍ରଗ୍ସ ପ୍ରଭୃତି ଯାହାର ନିତିଦିନିଆ ଅଭ୍ୟାସ ସେହିପରି ଗୋଟାଏ କ୍ୟାରେକ୍ଟର ଲେସ୍ ସ୍ମଗ୍‌ଲର ପାଖରେ ସାରାଜୀବନ ରହିବାର ନିଷ୍ପତ୍ତି ନେଇ ତୁ କ'ଣ ଠିକ୍ କରୁଛୁ ମଞ୍ଜୁଳା ? ତୁ ଯଦି କହିବୁ ବାପା ସାଙ୍ଗେ ସାଙ୍ଗେ ଓକିଲଙ୍କ ସହ ତୋ ଡିଭୋର୍ସ ବିଷୟରେ କଥା ହେବେ । ତୋର ବୟସ ବା କେତେ, ତୋ ଭାଇମାନେ ତୋ ପାଇଁ ଆଉଗୋଟେ ଭଲ ପ୍ରସ୍ତାବ ଦେଖି ତୋର ବାହାଘର କରାଇ ଦେବା ପାଇଁ ଚାହାନ୍ତି । ଏଣିକି ନିଷ୍ପତ୍ତି ତୋ ହାତରେ ।

ଘରଛାଡ଼ି ଚାଲିଆସିବାର ୨ ମାସ ପରେ ଘରଲୋକଙ୍କ ତରଫରୁ ଏ ଥିଲା ମଞ୍ଜୁଳାଙ୍କ ପ୍ରତି ମାଆ ଅନ୍ନପୂର୍ଣ୍ଣା ମହାପାତ୍ରାଙ୍କର ସୁଦୀର୍ଘ ଭାଷଣ । ହେଲେବି ମଞ୍ଜୁଳା ନିଜ ନିଷ୍ପତ୍ତିରେ ଥିଲେ ଅଚଳ । ଗୋଟେ ଚରିତ୍ର ହୀନ, ମଦୁଆ, ଲମ୍ପଟକୁ ସ୍ୱାମୀ ରୂପରେ ବାଛିନେବାର ଏ ମୁର୍ଖାମୀ ତାଙ୍କ ପରିବାରର ଲୋକଙ୍କ ପାଇଁ ଥିଲା ମୁଣ୍ଡ ବିନ୍ଧାର କାରଣ । ହେଲେ କାହିଁକି କେଜାଣି ଏତେ ସବୁ ସତ୍ତ୍ୱେ ବି ଶ୍ରୀଧରଙ୍କ ପ୍ରତି ତିଳେମାତ୍ର ଘୃଣା, କିମ୍ବା ନିଜ ବୈବାହିକ ଜୀବନ ପ୍ରତି ଦାରୁଣ ଅବଶୋଷର ଦୀର୍ଘଶ୍ୱାସରେ କେବେବି ଭୁଲ୍‌କୁ ନ କରି ନାହାନ୍ତି ମଞ୍ଜୁଳା ।

ଶ୍ରୀଧରଙ୍କ ବେଡ୍‌ରୁମ୍ ଭିତରର ଦୃଶ୍ୟ, ଯାହାକୁ ବେଡ୍‌ରୁମ୍‌ର ଚାରିକାନ୍ଥ ଭିତରେ ନିବୁଜ୍ ରଖିବାକୁ ଶତଚେଷ୍ଟା କରି ମଧ ରଖିପାରି ନାହାନ୍ତି ମଞ୍ଜୁଳା କି ଡାକ୍ତର ଶ୍ରୀଧର ମହାନ୍ତି । ସେଥିପାଇଁ ତ ଶ୍ରୀଧରଙ୍କ ନାଁ ଆଗରେ ଚରିତ୍ର ହୀନତାର ଉପାଧି ଏକ ଗୁଜବ ହୋଇ ଲୋକ ମୁହଁରୁ ମହଁକୁ ଓ ସହରରୁ ସହରକୁ ଖେଳିଯାଇଛି ବିଜୁଳି ଗତିରେ । ତଥାପି ବି ନିଜ ନିଜ ବୈବାହିକ ଜୀବନକୁ ନେଇ ଦୁଇଜଣଙ୍କ ମଧରେ ହୋଇଥିବା ସାଲିସ୍ ଦୁଇଜଣଙ୍କୁ ସଫଳ ଦମ୍ପତ୍ତି ବୋଲି ସୂଚାଇବାକୁ ବାଧ କରିଛି ।

ପରେ ପରେ ତାଙ୍କ ବାହାଘରକୁ ଗ୍ରହଣ କରିନଥିଲେ ବି ରକ୍ତ ସଂପର୍କର ଆକର୍ଷଣରେ ମଞ୍ଜୁଳାଙ୍କୁ ନିଜର କରିବାକୁ ବାଧ ହୋଇଛନ୍ତି ପିତା ସୋମନାଥ ପାତ୍ର । ଶୁଭାଙ୍ଗୀର ଜନ୍ମ ପରେ

ସମ୍ପର୍କରେ ନୂଆମୋଡ଼ ନେଇଛି । ଅସଜଡ଼ା ସମ୍ପର୍କ ଆପଣାଛାଏଁ ସଜାଡ଼ି ହୋଇ ଯାଇଛି । କିନ୍ତୁ ବୈବାହିକ ଜୀବନରେ ମଞ୍ଜୁଳା ଓ ଶ୍ରୀଧରଙ୍କ ମଧ୍ୟରେ ତମାମ୍ ଅସାମଞ୍ଜସ୍ୟ ପରିବାର ଲୋକଙ୍କ ଚନ୍ତାକୁ ଦ୍ୱିଗୁଣିତ କରିଛି । ମା ଅନ୍ନପୂର୍ଣ୍ଣା ଝିଅର କାନେକାନେ କହୁଥାନ୍ତି - ସ୍ୱାମୀଙ୍କୁ ହାତରେ ରଖିବା ଶିଖ, ଚାକିରୀ ତୋର କ'ଣ ହେବ ? ତୁ ରହିବୁ ବ୍ରହ୍ମପୁରରେ ତୋ ସ୍ୱାମୀ ରହିବେ ଭୁବନେଶ୍ୱରରେ । ପୁଣି ୪ବର୍ଷର କଅଁଳା ଛୁଆଟାକୁ ଛାଡ଼ିଗଲୁ ଆମପାଖରେ । ତୋ ଭବିଷ୍ୟତ କ'ଣ ହେବ ମଞ୍ଜୁଳା ? ଯାହା ବାପାର ସବୁଦିନ ମଦ, ଜୁଆ, କ୍ଲବ୍ ପାର୍ଟିରେ ପାଣିପରି ଟଙ୍କା ବର୍‌ବାଦ୍ ହେଉଛି, ତା'ଝିଅର ଭବିଷ୍ୟତ କଥା କେବେ ଚିନ୍ତା କରିଛୁ ?

ନିରୁ ତ୍ତ ର ରହନ୍ତି ମଞ୍ଜୁଳା । ଶ୍ରୀଧରଙ୍କୁ ବାହା ହେବା ଯେ ତାଙ୍କ ଭାଗ୍ୟର ବିଡ଼ମ୍ବନା ଏକଥା ମାନିନେବାକୁ ସେ ନାରାଜ୍ । ଶ୍ରୀଧର ଡ୍ରିଂକ୍ସ କରନ୍ତି, ହୋଟେଲ୍ ବାର୍ ଠାରୁ ଆରମ୍ଭ କରି ବେଶ୍ୟାଳୟ ପର୍ଯ୍ୟନ୍ତ ସବୁଠି ନିଜ କୁକର୍ମର ପାଦଚିହ୍ନ ଛାଡ଼ି ଆସିଛନ୍ତି ଶ୍ରୀଧର । ହେଲେ ମଞ୍ଜୁଳାଙ୍କ ପତି କେବେବି ଅତ୍ୟାଚାର କରିଥିବାର କାଣିଚାଏ ବି ବିରୋଧାଭାସ ଶୁଣିବାକୁ ମିଳିନି ମଞ୍ଜୁଳାଙ୍କ ଓଠରୁ । ଆଉ ରହିଲା ଦାମ୍ପତ୍ୟ ଜୀବନର କଥା । ସମସ୍ତେ କହୁଛନ୍ତି ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯେଉଁ ସମ୍ପର୍କ ରହିବାର କଥା ସେହିଭଳି କିଛି ବି ସମ୍ପର୍କ ସେମାନଙ୍କ ମଧ୍ୟରେ ଦେଖାଯାଏନି । ଦୁହେଁ ପରସ୍ପର ଠାରୁ ଅଲଗା ହୋଇ ରୁହନ୍ତି । ଜଣେ ଭୁବନେଶ୍ୱରର ଏକ ପ୍ରାଇଭେଟ୍ ମେଡ଼ିକାଲ ଆଉଜଣେ ବ୍ରହ୍ମପୁରର ଏକ ସରକାରୀ କଲେଜ୍‌ରେ ଏବଂ ୭ବର୍ଷର କୁନିଝିଅ ଶୁଭାଙ୍ଗୀ ତା ଅଜା ଆଈଙ୍କ ପାଖରେ । ତେବେ ଶ୍ରୀଧର ଓ ମଞ୍ଜୁଳା ଯଦି ପରସ୍ପରକୁ ଭଲପାଆନ୍ତିନି ଶୁଭାଙ୍ଗୀର ଜନ୍ମ ହେଲା କିପରି ?

ସେଦିନ କିନ୍ତୁ ଦିବ୍ୟାର କଥା ସବୁ ଶାଣିତ ଛୁରୀଟିଏ ସାଜି ବକ୍ଷଭେଦ କଲାପରି ବୋଧ ହୋଇଥିଲା ମଞ୍ଜୁଳାଙ୍କୁ । ବହୁବର୍ଷ ପରେ ଦେଖା ହୋଇଥିବା ସହପାଠିନୀ ଦିବ୍ୟା ମଞ୍ଜୁଳାଙ୍କ ସହ ଶୁଭାଙ୍ଗୀକୁ ଦେଖି ଅକସ୍ମାତ୍ କହି ଉଠିଥିଲା ।

"ଆରେ ବାଃ ! ତୋ ଝିଅର ଚେହେରାତ ପୁରାପୁରି ଶୁଭ୍ରାଂଶୁଙ୍କ ଚେହେରା ସହ ମିଶିଯାଉଛି । ସେଇ ଆଖି, ସେଇ ଓଠ, ସେଇ ନାକ ଫାଇନାଲି ତୁ ତାହେଲେ ଶୁଭ୍ରାଂଶୁକୁ ମ୍ୟାରେଜ୍ କଲୁ । ରିଏଲି ୟୁ ଆର୍ ସେ ଲକି । ନହେଲେ ଆଜି କାଲି କେତେଜଣଙ୍କ ଭାଗ୍ୟରେ ପ୍ରେମକରି ବାହାହେବା ଜୁଟୁଛି କହିଲୁ ?

ଦିବ୍ୟାର ବାକ୍ୟ ବାଣରେ କ୍ଷତାକ୍ତ ହୋଇ ଉଠୁଥିଲେ ମଞ୍ଜୁଳା, ଦୀର୍ଘ ନିଶ୍ୱାସ, ବାଷ୍ପରୁଦ୍ଧ ଗଳା, ପାଟି ଅଫା ଅଫାଓ ଛାତିର ଦୁକୁଦୁକିରେ ଏକ ନିର୍ମମ ସତ୍ୟକୁ ଅପ୍ରକାଶ ରଖି ନପାରିବାର ଭୟରେ ଦେହରୁ ବହି ଆସୁଥିବା ଗମ୍ ଗମ୍ ଝାଳରେ ଅନ୍ତଃବସ୍ତ୍ର ଓଦା ହେବା ପୂର୍ବରୁ ସାମାନ୍ୟ ମିଛର 'ହଁ' ଟିଏ ସହ ଶୁଖିଲା ହସ ଟିକକ ହସିଦେଇ ଦିବ୍ୟା ପାଖରୁ କୌଣସି ପ୍ରକାରେ ଖସି ଆସିଥିଲେ ମଞ୍ଜୁଳା । ଅପ୍ରସ୍ତୁତବୋଧକୁ ଲୁଚାଇବାରେ ଦିବ୍ୟା ପାଖରେ ସଫଳ ହୋଇଥିଲେ ସିନା ହେଲେ ମନତଳରୁ ଶୁଖି ଆସୁଥିବା ପୁରୁଣା ଘା'ର ବକଳାକୁ ଉଖାଡ଼ି ଦେଇଥିଲା ଦିବ୍ୟା । ହୃଦୟ ତଳର ଗୋପନ ଅତୀତ ସବୁ ବର୍ବର ପିଚାଶ ପରି ସାଜି ଉଠୁଥିଲେ ରକ୍ତ ମୁଖା । କ୍ଷତାକ୍ତ ମଞ୍ଜୁଳାଙ୍କ ଆଗରେ ୭ବର୍ଷ ତଳର ଏକ ବିବାଦୀୟ ରାତ୍ରୀର ଦୃଶ୍ୟ ଭାସି ଉଠିଥିଲା ସେଦିନ ।

ରାତି ଠିକ୍ ବାରଟା ବାଜି ଯିବାରୁ ହଠାତ୍ ଶୋଇ ଉଠିଥିବା ପୃଥିବୀଟା ଯେମିତି ଚେଇଁ ଉଠିଥିଲା ସେଦିନ । ଚାରିଆଡ଼େ ନାଚଗୀତ ବାଜାବାଣ ଓ ଅଭିନନ୍ଦନର କଳରବ । ଜାନୁୟାରୀ-୧ ଇଂରାଜୀ ନୂତନ ନବବର୍ଷର ଆଗମନ ଖୁବ୍ ନିକଟରେ ନିଜ

ପ୍ରିୟ ପୁରୁଷ ଶୁଭ୍ରାଂଶୁ । ଶୁଭ୍ରାଂଶୁଙ୍କ ହାତରେ ହାତ ଛନ୍ଦି ଝୁମି ଉଠୁଥିଲେ ମଞ୍ଜୁଳା । କ୍ଲବ୍‌ର ନାଲିନେଳି ଆଲୁଅରେ ଝିକ୍‌ମିକ୍ ଅଖିତାଙ୍କର ମିଶି ଯାଉଥିଲା ଶୁଭ୍ରାଂଶୁଙ୍କ ଆଖିସହ । ନାଚଗୀତ ଡ୍ରିଂକ୍ସ ପାର୍ଟିରେ ମତୁଆଲା ମଞ୍ଜୁଳା ଯେତେବେଳେ ହୋସ୍‌କୁ ଆସିଲେ ସେତେବେଳେ ନିଜ ଉଲଗ୍ନ ଦେହ ସହ ସେ ପଡ଼ି ରହିଥିଲେ ହୋଟେଲ୍‌ର ଏକ ନିଭୃତ କୋଠରୀରେ ।

ଆଉ ତା'ପରେ ଶୁଭ୍ରାଂଶୁ ଯେପରି ତାଙ୍କ ପାଇଁ ସାଜି ଯାଇଥିଲେ ଏକ ପୃଥିବୀ ବାହାରର ମଣିଷ । ଲୁହ ଭର୍ତ୍ତି ଆଖି ଓ କୋହ ଭର୍ତ୍ତି ଛାତି ନେଇ ଖୋଜି ଖୋଜି ନଯ୍ୟାନ୍ତ ହେବାପରେ ଲକ୍ଷେ ଅନିଚ୍ଛା ସତ୍ତ୍ୱେ ବି ଲୋକ ଲଜ୍ୟାର ଭୟରେ ପାପ ପେଟକୁ ପାପଶୂନ୍ୟ କରାଇବାର ପଦକ୍ଷେପ ତାଙ୍କୁ ନେଇ ଯାଇଥିଲା ସେଇ ଘରୋଇ ହସ୍‌ପିଟାଲ୍ ଯାଏଁ ଯେଉଁଠି ଚାକିରୀ କରୁଥିଲେ ଡାକ୍ତର ଶ୍ରୀଧର ମହାନ୍ତି । ଆଉ ତା ପରେ......

ପୁଣିଥରେ ମୋବାଇଲ୍‌ର ଗୁଞ୍ଜର ପ୍ରକ୍ରସ୍ଥିତ ହେଲେ ମଞ୍ଜୁଳା । ଅଯଥା କଲ୍ ରିସିଭ୍ କରି ଆନିଭର୍ସରୀ ଉଇସେସ୍ ଶୁଣିବାକୁ ଇଛାନଥିବାରୁ ଫୋନ୍‌କୁ ଏରୋପ୍ଲେନ୍ ମୁଡ୍‌ରେ ରଖିଦେଇ ଉଠି ଠିଆ ହେବାକୁ ଚେଷ୍ଟା କଲେ ମଞ୍ଜୁଳା । ଶ୍ରୀଧରଙ୍କ ବେଡ୍‌ରୁମ୍ ଭିତରର ଦୃଶ୍ୟ, ଅନ୍ତତଃ ଆଜି ଦିନରେ ଯାହା ତାଙ୍କ ପାଇଁ ଥିଲା ଅପ୍ରତ୍ୟାଶିତ । ସବୁ ବିଷାଦ, ସବୁଗ୍ଲାନି, ସବୁ ଅବଶୋଷକୁ ଛାତିରେ ଚାପିରଖି ଆଖିର ଲୁହ ପୋଛି ଶ୍ରୀଧରଙ୍କ ରୁମ୍ ଅଭିମୁଖେ ଯିବାପାଇଁ ନିଜକୁ ପ୍ରସ୍ତୁତ କଲେ ମଞ୍ଜୁଳା । କେତେବେଳୁ ଅଭିମାନରେ ମୁହଁମାଡ଼ି ପଡ଼ିରହିଥିବା ଫୁଲତୋଡ଼ାଟିକୁ ସଯତ୍ନରେ ଟୋଳି ଆଣିଲେ ଚଟାଣ ଉପରୁ, ଠିକ୍ ଯେମିତି ସେଦିନ ଏକ ଲମ୍ପଟ ଚରିତ୍ରହୀନ ମଦ୍ୟପ ବୋଲାଉଥିବା ଦେବ ପୁରୁଷଙ୍କ ହାତ ଟୋଳି ଧରିଥିଲା ତାଙ୍କର ନିନ୍ଦା ଅପନିନ୍ଦା, ଲୋକଲଜ୍ଜା, ସାମାଜିକ ତାଡ଼ନା, ସବୁ ଭୟ ଓ କାତରତାକୁ ।

ଶ୍ରୀଧରଙ୍କ ବେଡ୍‌ରୁମ୍ ଭିତରର ଦୃଶ୍ୟ । ଟିକେ ପୂର୍ବରୁ ଯାହା ଥିଲା ଏବେ ଅବଶ୍ୟ ସେ ଦୃଶ୍ୟ ଅପସରି ଯାଇଥିଲା ସେ ସ୍ଥାନରୁ । ବେଡ୍‌ରୁମ୍‌ର ସୀମିତ ବନ୍ଧନୀରେ ଶୋଇରହିଥିଲା ଶ୍ରୀଧରଙ୍କ ଉଲଗ୍ନ ଶରୀର । ନିଜ ସେଦବିନ୍ଦୁ ନିଜ କ୍ଲାନ୍ତି ଓ ନିଜ ପୌରୁଷକୁ ନିଜର ବୋଲି ଭାବିନେବାର ଯିଦ୍‌ରେ । କିନ୍ତୁ ଶ୍ରୀଧରଙ୍କ ବେଡ୍‌ରୁମ୍ ଭିତରର ସେହି ଦୃଶ୍ୟ କେଉଁ ଦୃଶ୍ୟ କାବ୍ୟର ପୁନରାବୃତ୍ତି ପରି ମଞ୍ଜୁଳାଙ୍କ ମାନସ ପଟରେ ବାରମ୍ବାର ଅଭିନୀତ ହୋଇଯାଉ ଥାଏ । ଝାପ୍‌ସା ନୀଳ ଆଲୋକରେ ଯୁଗଳବନ୍ଧ ଶ୍ରୀଧର ଓ କେଉଁ ଅଜଣା ଲଳନାର ଏକାତ୍ମ ହୋଇ ଯିବାର ଦୃଶ୍ୟ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ
ସାହିତ୍ୟ ବିଭାଗ, ବାଣୀ ବିହାର

୦୦୦୦

Join Now! Join Now!! Join Now!!!

# MATRUSHAKTI STUDY POINT

*(A Unit of Innovation, Dedication & Care)*

Nayabazar, Cuttack-4,
Student Care : 9437107857, 9437563030
9776340495, 9861268704
E-mail : matrushakti2009@gmail.com

MS
ESTD 2009

**Our Salient Features :**

- The teaching is produced by highly experienced faculty members on the latest trend of the BSE.
- Study material prepared by qualified faculty in each subject
- Predict future paper trends with MATRUSHAKTI STUDY POINT **Test Series** every month to give student's practice and more practice.
- Stay informed about latest trends syllabus, new study techniques, time management skills and much more.
- Confidence building exercise with self test.
- Xtra Funda
- Problem Solving desk.
- Reasonable Fees

*Your Success Our Aim*

For Class V to X, +2 Arts, Sc., Com.

Admission Open for +3 Arts (All Subject)

Result Analysis (through SMS to parents)

**Admission going on**

# ନରେନ୍ ବୁଢ଼ୀ

**ସୁଧାକର ପ୍ରଧାନ**

ଉକ୍ତ ଗଳ୍ପଟି କାହାଣୀ ନୁହେଁ କି କଳ୍ପିତ ନୁହେଁ, ସମ୍ପୂର୍ଣ୍ଣ ସତ୍ୟ ଓ ଏହା ୧୯୬୫ ମସିହା ବେଳର କଥା ଅଟେ । ରାଜାରାଜୁଡ଼ା ଶାସନ କାଳରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁ'ରେ ସାମାଜିକ କର୍ମ ପାଇଁ ନିୟୋଜିତ ଥା'ନ୍ତି ଜଣେ ଜଣେ ନରିହା, ଭଣ୍ଡାରି, ଧୋବା, ବ୍ରାହ୍ମଣ । ଏମାନେ ସବୁ ବର୍ଷକୁ ଥରେ କିମ୍ବା କର୍ମ ଅନୁସାରେ ଲୋକଙ୍କଠାରୁ ପାଉଣା ପାଇଥାନ୍ତି । ଏମାନଙ୍କ ମଧ୍ୟରୁ ନରିହା କରୁଥିବା ବ୍ୟକ୍ତି ଗଉଡ଼ ଜାତିର ଅଟନ୍ତି । ପ୍ରତ୍ୟେକ ଜାତିଆଣ ସାମାଜିକ କର୍ମରେ ପାଣି ଯୋଗାଇବା ଏମାନଙ୍କ କାମ ଅଟେ । ତେଣୁ ତାକୁ ଗାଁ'ର ନରିହା କୁହାଯାଏ ।

ମୋ ଜାଣିବାରେ ଆମ ଗାଁ'ର ନରିହା ବୋଇଲେ ଭଜମନ ସେଲମାକୁ ହିଁ ବୁଝାଯାଏ । କାରଣ ସେ ଜମିଜମା ପାଇ ଏ କାମ ତୁଲାଉ ଥିଲା । ତା'ର ସ୍ତ୍ରୀ ହେଲା ସମାରୀ ସେଲମା, ମୁଁ ଏଠି ସେଇ ସମାରୀ ସେଲମାର କଥା ବର୍ଣ୍ଣନା କରିବାକୁ ଯାଉଛି, 'ନରେନ୍ ବୁଢ଼ୀ' ବୋଇଲେ ସମସ୍ତେ ସମାରୀକୁ ହିଁ ବୁଝିଥା'ନ୍ତି । ୧୯୬୫/୭୦ ମସିହା ବେଳକୁ ସେ ବୁଢ଼ୀ ହୋଇଯାଇଥିଲା । ସେତେବେଳେ ମୋର ବୟସ ୧୦/୧୨ ବର୍ଷ । ସେହି ବୟସରୁ ନରେନ୍ ବୁଢ଼ୀ ଉପରେ ଯାହା ଯାହା ମୁଁ ଦେଖିଥିଲି ଓ ଜାଣିଥିଲି ତାହା ଆଜି ମନେ ପଡୁଥିବାରୁ ତାକୁ ଶବ୍ଦ ଆକାରରେ ସଜେଇ ଯିବା ପାଇଁ ମନସ୍ଥ କଲି, ଯାହା ପ୍ରତ୍ୟେକ ଲେଖକ କରିଥାନ୍ତି । ଭାବନାକୁ ଯିଏ ଯେତିକି ଭାବରେ ସଜେଇ ଲେଖିପାରିବ ସେ ସେତେ ବଡ଼ ଲେକକଟିଏ ଆମ ଏହି ସମାଜରେ ।

ସମାରୀର କର୍ମ ବୋଇଲେ ସାପ୍ତାହିକ ବଜାରକୁ ଯାଇ ଲୁଣ ବିକିବା, ବିକା ସରିଲା ପରେ ବିଭିନ୍ନ ଖାଦ୍ୟଦ୍ରବ୍ୟ କିଣି ଗାଁ'ରେ ବିକିବା ଯଥା - କନ୍ଦା, ମୁଗଫୁଲି, ତରଭୁଜ, କଦଳୀ, ବରା, ପକୁଡ଼ି, ଜିଲେପି ଆଦି । ସେତେବେଳେ ଗାଁମାନଙ୍କରେ ଏସବୁ ଦ୍ରବ୍ୟ ମିଳୁ ନଥିଲା, ତେଣୁ ସେ ବଜାରରୁ ଫେରିବା ବାଟକୁ ମୋ'ଭଳି ଛୋଟ ଛୋଟ ପିଲାମାନେ ଅପେକ୍ଷା କରିଥାଉ; ଫେରିଲା ପରେ ଅଖିଆ ଅପିଆ ମେଲେଇ ଦିଏ ତା'ର ପସରା, ଅତି ଶସ୍ତାରେ ଦେଇଥାଏ ବୋଲି ଘଡ଼ିକ ଭିତରେ ଖାଲି ହୋଇଯାଏ ତା'ର ପସରା ପେଟି ।

ଭଜମନ ଓ ସମାରୀ, ସ୍ୱାମୀ-ସ୍ତ୍ରୀ, ଦୁହିଁଙ୍କ ମଧ୍ୟରେ ବିପରୀତ କର୍ମ ଦେଖିବାକୁ ମିଳୁଥିଲା । ସାଧାରଣତଃ ପୁରୁଷମାନେ ବାହାର କାମ କଲାବେଳେ ସ୍ତ୍ରୀମାନେ ଘରକାମ କରିଥାନ୍ତି; କିନ୍ତୁ ଏଠି ସ୍ୱାମୀ ଘରକାମ, ପାଣି ଆଣିବା, ରୋଷେଇ କରିବା, ବାସନ ମାଜିବା, ଘର ସଫା କରିବା ଆଦି କାମ କରିଥାଏ ଓ ସ୍ତ୍ରୀ ସମାରୀ ବଜାର ବୁଲିବା ଭଳି ବାହାର କାମ କରିଥାଏ ।

ଯେତେବେଳେ ନାରୀଟିଏ ଗାଁ' ଦାଣ୍ଡରେ ଚାଲିବାର ମନା ଥିଲା, କଥା କହିବାର ମନା ଥିଲା, ସ୍ୱାଧୀନ ବୋଲି ତାର କିଛି ନଥିଲା କେବଳ ଚୁଲି ମୁଣ୍ଡରେ ଦିନ କାଟୁଥିଲା, ସେତେବେଳର ଗୌନ୍ତିଆ ଶାସନ ସମାଜର ବାରଣକୁ ଭ୍ରୂକ୍ଷେପ ନ କରି ସମାରୀ ସ୍ୱାଧୀନ ଭାବରେ ତା'ର କର୍ମରେ ଆଗେଇ ଯାଉଥିଲା । ଆଜିର ୫୦ ପ୍ରତିଶତ ସଂରକ୍ଷଣ ନାରୀଠାରୁ ସେତେବେଳର ୦% ପ୍ରତିଶତ ନାରୀଟିଏ ଦେଖେଇ ଦେଇଛି ନାରୀ ସ୍ୱାଧୀନ କ'ଣ ? ୧୯୪୦ ସାଲର ସମାରୀ ସମାଜକୁ ଦେଖେଇ ଦେଇଛି ପୁରୁଷ ଭଳି ନାରୀ ମଧ୍ୟ କାମ କରିପାରିବ ।

ସମାରୀର ଶରୀର ଗଠନ ଉପରେ ଟିକିଏ ନଜର ପକେଇବା, ବୁଢ଼ୀ ବୟସରେ ମୁଁ ତାକୁ ଦେଖିଛି । ସେହି ସମୟରେ ମଧ ଗୋରା ତକ୍ ତକ୍ ତେଜିଆନ୍ ଦେଖାଯାଉଥିଲା । ଯୌବନ ବୟସ କେମିତି ଥିଲା, ତାର ପ୍ରେମିକ କିଏ କିଏ ଥିଲେ ଏମିତି ତା'ସମ୍ବନ୍ଧରେ ସେ ସମୟର କେତେ ଜଣ ବ୍ୟକ୍ତିଙ୍କୁ ମୁଁ ପଚାରି ବୁଝିବାରୁ ସେମାନେ କହନ୍ତି, ସେ ଖୁବ୍ ସୁନ୍ଦର ଦିଶୁଥିଲା, ଗଉଡ଼ ଜାତିରେ ଏମିତି ନାରୀଟିଏ ମିଳିବା କଷ୍ଟକର । ଆଉ ପ୍ରେମ କାରବାର ସେମିତି କିଛି କିଏ ଜାଣିନାହାଁନ୍ତି । ଆଜିକାର ନାରୀଟିଏ ଏତିକି ସୁନ୍ଦରୀ ଥିଲେ ଗାଁରେ ଚହଳ ପକେଇ ଦେଉଛନ୍ତି । ପୁରୁଷକୁ ଦେଖେଇ ଦେଉଛନ୍ତି ନାରୀ ସ୍ୱାଧୀନତା କ'ଣ ?

ଗାଁମାନଙ୍କରେ ସହରୀ ସଭ୍ୟତା ପଶିଆସିଲାଣି । ଆଗରୁ ଯେଉଁ ଗାଁ ଥିଲା, ଶାସନ ଥିଲା, ସମ୍ମାନ ଥିଲା, ନ୍ୟାୟ ଥିଲା, ବିଚାର ଥିଲା, ସବୁ ଉଭେଇ ଗଲାଣି । କଥା ମାନିବାକୁ ସମସ୍ତେ ନାରାଜ । ଭଦ୍ରବ୍ୟକ୍ତିମାନେ ମୂକ ହୋଇଯାଇଛନ୍ତି । ନ୍ୟାୟ ଆଉ ମିଳିବ କେଉଁଠି ? ସେତେବେଳେ କିନ୍ତୁ ଏ ପରିସ୍ଥିତି ନଥିଲା ଗାଁମାନଙ୍କରେ । ଗୌନ୍ତିଆକୁ ଭୟ କରୁଥିଲେ, ସମାଜର ନୀତିକୁ ଡର ଥିଲା । ତେଣୁ ସମାରୀ ଭଳି ନାରୀ ସୁନ୍ଦରୀ ହୋଇ ମଧ ନିଷ୍କଳଙ୍କ ଥିଲା

ସମାରୀ ଥିଲ ବାଞ୍ଝ । ତାର ପୁଅ ଝିଅ କେହି ନ ଥିଲେ, ହେଲେ ମଧ ସେ ଅନେକ ପୁଅଝିଅଙ୍କୁ ପୁତ୍ରବତ୍ ପାଳନ କରି ମାତୃତ୍ୱର ସ୍ନେହ ଦେଇଛି । ଜନନୀ ନ ହେଲେ ବି ସେ ମା' ଅଟେ । ତା'ର ଶରୀରରେ ବାଞ୍ଝର ଲକ୍ଷଣ ନଥିଲା । ଆଜିକାଲି ହୋଇଥିଲେ ଜନନୀ ହୋଇପାରିଥା'ନ୍ତା । କିନ୍ତୁ ଅନ୍ୟ ଭାବରେ ଜନନୀ ହେବାପାଇଁ ସେ ଚାହିଁ ନଥିଲା ବୋଧହୁଏ । ସଂପ୍ରତି ଆମ ସମାଜରେ ଆଉ ବାଞ୍ଝ ଦେଖିବାକୁ ମିଳୁ ନାହାନ୍ତି । ତା'ର କାରଣ ଆଧୁନିକ ଚିକିତ୍ସା । ସେତେବେଳେ ଏ ସୁବିଧା ଥିଲେ ସମାରୀ କେବେ ମଧ ବାଞ୍ଝ ହୋଇ ନଥାନ୍ତା ।

ସମାରୀ ବାଞ୍ଝ ହେବାଟା ସ୍ୱାମୀ ଭଜମନର ଦୋଷ ବୋଲି ଏବେ ବିଚାର କରାଯାଉଛି । କାରଣ ଭଜମନ ସମ୍ପୂର୍ଣ୍ଣ ମାଇଚିଆ । ଡେଙ୍ଗା ଶରୀର, କଳା ମଚ୍‌ମଚ୍ ରଙ୍ଗ, ବାବୁରି ବାଳ, ବଳିଷ୍ଠ ଶରୀର, ହେଲେ କର୍ମ ମାଇରଙ୍ଗ । ତେଣୁ ସମାରୀ ଭଜମନକୁ ସେଇ ଢଙ୍ଗରେ ଖଟାଇ ଆଣିଲା । ସମାରୀ ଥିଲା ଗାଉଁଲି, ଅଶିକ୍ଷିତା, ତା'ର କଥାଭାଷା ଅଶ୍ଳୀଳ । କଥା କଥାରେ ଗାଳି ଦେଉଥିଲା ସ୍ୱାମୀକୁ । "ନାରେ ରପଟଖିଆ ଥିଇତୁକେ ଭଲେଇ ନେଇ ପାରିବାର ଚାରିଆଡୁ ମୁଇଁ ବାରଣ କବାର କରି କନ୍ଦିର ଆଏଲନି, ତୁଇ ସଲା, ଭମ୍ପେଇଧରି ଶୁଇଛୁ, ଯା ନେଇ କବଟା ଶୁଇଦେ" । ଏ କଥାର କୌଣସି ଜବାବ୍ ଦେଉ ନଥିଲା ଭଜମନ ।

ନରିହାର ସ୍ତ୍ରୀ ବୋଲି ସମାରୀକୁ 'ନରେନ୍ ବୁଢ଼ୀ' କୁହାଯାଏ ହେଲେ ସେ କେବେ ନରିହା କାମ କରିନାହିଁ, କି କାହାର ବାସନ ମାଜିନାହିଁ, କି କାହାର ଗୋଡ଼ ଘଷି ନହିଁ, କି କାହାର ପାଣି ବୋହି ନାହିଁ, ହେଲେ ସେ ନରେନ୍ ବୁଢ଼ୀ ବୋଲି ସୁପରିଚିତ । ସେ ସମୟର ଲୋକଙ୍କ ଆଖିରେ ସେ ଝଲସି ଉଠୁଛି । ସେ ଯାହାବି ହେଉ ସେ ଗଲାପରେ ମଣିଷକୁ ଆକଟ କରିବା ନାରୀଟିଏ ଗାଁ ହରାଇଲା, ପିଲାମାନେ ସୁମିଷ୍ଟ ଖାଦ୍ୟ ଖାଇବାରୁ ବଞ୍ଚିତ ହେଲେ ।

ପିପଲମୁଣ୍ଡ, ରକ୍ଷୁଡ଼ା, ବଲାଙ୍ଗୀର

୦୦୦

# ଉ ଉ ୍ଣିମଧାହ୍ନ

**ସୁଦର୍ଶନ ଅଗସ୍ତି**

ବିଜୟା ଦଶମୀର ଶାରଦୀୟ ସନ୍ଧ୍ୟାରେ କଟକ ସହର ନୂଆକରି କଲେଜ ଯାଉଥିବା କିଶୋରୀଟିଏ ପରି ବେଶ୍ ଚଳଚଞ୍ଚଳ ହୋଇଉଠିଥାଏ । ସାରାଦିନ ବସାରେ ବସି ବସି ଭଲ ନ ଲାଗିବାରୁ ବାହାରେ ଘେରାଏ ବୁଲି ଆସିବାକୁ ମନସ୍ଥ କରି ଅଲଗୁଣୀରୁ ପଞ୍ଜାବିଟି ଟାଣି ଆଣି ଦେହରେ ଗଳାଇ ପକାଇଲା ମନୋଜ ରାୟ । ତରତରରେ ପାନିଆଟା ମୁଣ୍ଡରେ ବୁଲାଇ ଆଣୁ ଆଣୁ ହସ ଲାଗିଲା ତାକୁ । ଆରେ, ଚନ୍ଦାମୁଣ୍ଡରେ ପାନିଆଟାର ଆବଶ୍ୟକତା କ'ଣ ? କାନ ମୂଳରେ ଥିବା କେରାଏ ଚୂଳରେ ପାନିଆ ନ ମାରିଲେ ବି ସେମିତି ତଳକୁ ପଡ଼ି ରହିଥିବ । ମନଟା ଖରାପ ହୋଇଗଲା । କଲେଜରେ ପଢ଼ିବାବେଳେ ଦିନେ ଏଇ ଚୁଟି କେରାକ ପାଇଁ ଝିଅମାନେ ପଛରେ ଗୋଡ଼ାଉଥିଲେ ନାମ୍‌ଜାଦା କ୍ରିକେଟ୍ ଖେଳାଳିଙ୍କୁ ଦେଖିବା ପାଇଁ ଭିଡ଼ ଜମେଇଲା ପରି ।

ଆଜକୁ ପନ୍ଦର ବର୍ଷ ତଳେ ସେ ଯେତେବେଳେ ଷଷ୍ଠ ବାର୍ଷିକ କଳା ଛାତ୍ର ସେତେବେଳେ ସାଗରିକା ବି.ଏସ୍‌ସି. ଫାଇନାଲ୍ ଇୟର୍‌ରେ ବିଜ୍ଞାନ ଛାତ୍ରୀ । କଲେଜ ପତ୍ରିକାରେ ତା' କବିତା 'ପ୍ରେମ' ସବୁଠି ଚହଳ ପକାଇଥାଏ । ଝିଅମାନେ ତାକୁ କଣେଇ କଣେଇ ଚାହୁଁଥାନ୍ତି, ହସୁଥାନ୍ତି ଦରଫୁଟା ଗୋଲାପ ପରି । କିନ୍ତୁ ସାଗରିକା ସବୁ ଝିଅଙ୍କ ଭିତରେ ସ୍ମାର୍ଟ ଏବଂ ସୁନ୍ଦରୀ, ଆଇ.ଏ.ଏସ୍ ଅଫିସରଙ୍କ ଅଲିଅଳ କନ୍ୟା । ଦେଖା ହୋଇଗଲା କଲେଜ ପଡ଼ିଆରେ କୃଷ୍ଣଚୂଡ଼ା ଗଛ ତଳେ । ତା' ଆଡ଼କୁ ଆଗେଇ ଆସୁ ଆସୁ ଭୂରୁ ନଚାଇ କହୁଥିଲା ସାଗରିକା, "ବୁଝିଲ ମନୋଜବାବୁ, ପ୍ରେମ କରିବାକୁ ଇଚ୍ଛା ତ ସଫା ସଫା କହୁନାହାନ୍ତି । ଏ ଯୌତୁକ ବଜାରରେ ତ ଝିଅମାନେ ଶସ୍ତା ହୋଇଯାଇଛନ୍ତି । ତା'ଛଡ଼ା ଆପଣଙ୍କ ଭଳି କବିଙ୍କୁ କ'ଣ ଝିଅ ଅଭାବ ହେବେ । ମନଲାଖି ନ ହେଲେ ବି ମିଳିଯିବେ ନିଶ୍ଚୟ ।

ତା' କଥାଶୁଣି ମନୋଜର ମୁଡ୍ ଖରାପ ହୋଇଗଲା । ସେ କିନ୍ତୁ ଭାବିଥିଲା, ସାଗରିକା ଆସିବ, ତା' କବିତାର ଉଚ୍ଚ ପ୍ରଶଂସା କରିବ । ଆଖିର ଚାହାଣିରେ ପୁଣି ହସର ଫୁଆରାରେ ସେ ତାକୁ ଜଣାଇବ, ନିମନ୍ତ୍ରଣ କେଉଁ ଏକ ପାର୍କକୁ ଅବା କଫି ହାଉସକୁ । ତା'ନକରି ପୁଣି ସେ କଥା ଯୋଡ଼ିଲା, ବୁଝିଲେ ମନୋଜବାବୁ, ଖାଲି କବିତା ଲେଖିଲେ ପେଟ ପୁରେନି । ଅନ୍ନ ସଂସ୍ଥାନ ପାଇଁ ରାସ୍ତାଟିଏ ଲୋଡ଼ା । ଆଉ ସେହି ରାସ୍ତା ଖୋଜି ବାହାର କରିପାରିଲେ ଝିଅ ଆପଣଙ୍କ ପଛରେ ଲାଇନ୍ ଲଗାଇବେ । ପ୍ରେମ କବିତା ଲେଖି ଆପଣ ହୁଏତ କିଛିଦିନ ପାଇଁ କଲେଜ ପରିସରକୁ ସରଗରମ କରିପାରନ୍ତି । ହେଲେ ଆଜିର ଏ ବାସ୍ତବ ଦୁନିଆ କାଳିଦାସଙ୍କର ପ୍ରେମ ବର୍ଣ୍ଣନା କିମ୍ବା ଭଞ୍ଜଙ୍କର ଲାବଣ୍ୟବତୀକୁ ଚାହିଁବସିନି । ଏଠି ବଞ୍ଚିବା ପାଇଁ ସଂଗ୍ରାମ ଲୋଡ଼ା । ଯଦି ପାରୁଛନ୍ତି ସଂଗ୍ରାମର କବିତା ଲେଖନ୍ତୁ । ଆପଣଙ୍କର କବିତା ଦୁର୍ନୀତି ବିରୋଧରେ ଯୁବ ସମାଜକୁ ଉଦ୍‌ବୁଦ୍ଧ କରୁ । ସେ କିଛି କହିବା ପୂର୍ବରୁ ସାଗରିକା ଝଡ଼ ପରି ନିଷ୍କ୍ରାନ୍ତ ହୋଇଯାଇଥିଲା । ଖୁଣ୍ଟଟା ପରି ଠିଆହୋଇ ମନୋଜ ଭାବୁଥିଲା ସାଗରିକାର ଏହା ଉପଦେଶ ନା ଆଦେଶ ।

ଆଦେଶ ହେଉ କି ଉପଦେଶ ହେଉ ମନୋଜ କିନ୍ତୁ ତାକୁ ଏକ ଚାଲେଞ୍ଜ୍ ଭାବେ ଗ୍ରହଣ




# EMERALD
## EDUCATION



+2 Science
+3 Science
(Hons & Pass)

**Hostel For Boys & Girls**

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966



କରିଥିଲା ସେଦିନ । ସାଗରିକାର ଏ କଥା ତାକୁ କୌଣସି କାରଣରୁ ଧିମେଇ ଯାଉଥିବା ବେଗଗାମୀ ଘୋଡ଼ାକୁ ଚାବୁକ୍ ପ୍ରହାର ଭଳି ମନେ ହେଉଥିଲା । ସେହିଦିନଠୁ ସେ ଅନେକ ଆକର୍ଷଣୀୟ ଚାକିରିର ମୋହକୁ ଗୋଡ଼ରେ ଆଡ଼େଇ ଦେଇଛି । ସ୍ୱପ୍ନ ଦେଖିଛି ଏକ ପ୍ରତିଷ୍ଠିତ କବି ହେବାର । ସେଥିପାଇଁ ସରକାରୀ ଚାକିରିର ଝିନ୍‌ଝଟ ଭିତରେ ନ ପଶି ଏକ ପ୍ରାଇଭେଟ୍ କେଲଜରେ ଅଧାପକ ପଦକୁ ଆଦରି ନେଇଛି ସେ । ଏହି ଚାକିରି ହିଁ ଭଲା ଏଠି ପଢ଼ିବାର, ପଢ଼େଇବାର, ଜାଣିବାର ଜଣେଇବାର ଏକ ସୁନ୍ଦର ପରିବେଶ ଅଛି ।

କଲେଜରେ ବିରାଟ ଲାଇବ୍ରେରୀ । ହଜାର ହଜାର ବହି । ମାତ୍ର ପଢ଼ିବା ପାଇଁ ଲୋକଙ୍କ ସଂଖ୍ୟା କମ୍ । ଆଜିକାଲି ବିନା ଦରମାରେ ପ୍ରାଇଭେଟ୍ କଲେଜ୍‌ରେ ଅଧାପକ ଚାକିରି ନାମକୁ ମାତ୍ର । ପ୍ରାୟ ଅଧିକାଂଶ ଅଧାପକ ଟିଉସନ୍ କରି କେହି କେହି କଣ୍ଟ୍ରାକ୍ଟରି କରି ଅବା କେହି ବ୍ୟବସାୟ କରି ପେଟ ପୋଷୁଛନ୍ତି । ସେମାନଙ୍କୁ ପଢ଼ିବାକୁ ସମୟ କାହିଁ? ଚାକିରିଟା ରହି ଯାହା ଏହି ଆଶାରେ ସପ୍ତାହରେ ମାତ୍ର କେତୋଟି କ୍ଲାସ୍ ନେଇ ନେଲେ ସେମାନେ ନିଜକୁ ସନ୍ତୁଷ୍ଟ ମନେକରନ୍ତି । ମାତ୍ର ଜଣେ ଆଦର୍ଶ ଅଧାପକଙ୍କୁ ଯେ ଅଧାପନା ଜୀବନରେ ଅନେକ କଷ୍ଟକରି ବଡ଼ ବଡ଼ ବହି ପଢ଼ି, ଆୟତ କରିବାକୁ ହୁଏ, ଏକଥା କିନ୍ତୁ ଆଜିକାଲି ଯୁବ ଅଧାପକ ବିଶ୍ୱାସ କରନ୍ତି ନାହିଁ । ସେ ବିଶ୍ୱାସ ଆହୁରି କମିଯାଏ, ଯେତେବେଳେ ଦଶବାର ବର୍ଷ ଧରି ବିନା ଦରମାରେ ବେଠି ଖଟିବାକୁ ହୁଏ । ବେଠି ନୁହେଁ ତ କ'ଣ? ଆଗକାଳରେ ଜମିଦାରୀ ଅମଳରେ ଆମ ଦେଶରେ ବେଠି ପ୍ରଥା ଥିଲା । ମାତ୍ର ଆଜିର ସ୍ୱାଧୀନ ଭାରତର ଏକବିଂଶ ଶତାବ୍ଦୀର ପ୍ରଥମ ସୋପାନରେ ଯେ ସର୍ବୋଚ୍ଚ ଡିଗ୍ରୀଧାରୀ ବ୍ୟକ୍ତିମାନେ ବେଠି ଖଟୁଛନ୍ତି, ଏକଥା ସାଧାରଣ ଲୋକେ ସହଜରେ ବିଶ୍ୱାସ କରନ୍ତିନି । ହେଲେ ମନୋଜ ଏ ସବୁର ଧାର ଧାରେନି । ପଢ଼ିବା, ପିଲାମାନଙ୍କୁ ପଢ଼େଇବା ଏବଂ ଅବଶିଷ୍ଟ ସମୟତକ କବିତା ଲେଖାରେ ହିଁ କଟିଥାଏ ତାର । ଏବେବି ବେଚ୍‌ଲରସ୍ ମେସ୍‌ରେ ତା'ପାଇଁ ଗୋଟିଏ ରୁମ୍ ରିଜର୍ଭ । କେବଳ ଦି'ଟା ଖାଇବା ବ୍ୟତୀତ ଅନ୍ୟସବୁ ସମୟ କବାଟ କିଳି ସେ ସାଧନାରତ । ଇତିମଧ୍ୟରେ ବିବାହର ଅନେକ ସୁନ୍ଦର ପ୍ରସ୍ତାବ ତା' ପାଖକୁ ଆସିଛି । ମାତ୍ର ରୋଜଗାର ନଥିବା ଏକ ବେକାର ଜୀବନରେ ଗୋଟେ ହାତୀ ପୋଷିବାକୁ ଇଚ୍ଛା କିରିନି ସେ । ଏବେ ସେ ଦାଢ଼ି ଛାଡ଼ିଦେଇଛି । ଏକେ ତ ଦର୍ଶନ ବିଭାଗର ଅଧାପକ, ତା'ସାଙ୍ଗକୁ ଦାଢ଼ି, ଧୋତି, ପଞ୍ଜାବି ତାକୁ ଅଧାପକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରେ । ଏଥିପାଇଁ ତା'ର ଆଦର ପିଲାମାନଙ୍କ ମଧ୍ୟରେ ବଢ଼ି ଯାଇଛି । ଅନ୍ୟ ଅଧାପକମାନେ ଅଧିକାଂଶ ସମୟରେ କ୍ଲାସ୍ ନେଉନାହାନ୍ତି । କୋର୍ସ ଶେଷ ହେଉନି । ପିଲାଏ ପରୀକ୍ଷାରେ ପାସ୍ କରିବା ପାଇଁ ବାଧହୋଇ କପି କରୁଛନ୍ତି । ଏସବୁ ଆଜିକାଲି ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ମନୋଜ କ୍ଷେତ୍ରରେ ଏସବୁ କିନ୍ତୁ ଭିନ୍ନ । ଦୀର୍ଘ ପନ୍ଦରବର୍ଷ ସାଧନା ଭିତରେ ସେ ନିଜକୁ କେବଳ ଜଣେ ପ୍ରତିଷ୍ଠିତ ଅଧାପକ କରିପାରିଛି ତା'ନୁହେଁ, ସେ ମଧ୍ୟ ଜଣେ ସୁନାମଧନ୍ୟ କବି ହୋଇପାରିଛି । ତା'ର କବିତାଗୁଡ଼ିକ ମୁଖ୍ୟତଃ ଜୀବନଧର୍ମୀ, ସମାଜସଂସ୍କାରମୂଳକ ଏବଂ ଜାତୀୟତାବୋଧ ସୂଚକ । ଓଡ଼ିଶାର ପ୍ରତ୍ୟେକ ପତ୍ରିକାରେ ତା'ର ସ୍ଥାନ ସଂରକ୍ଷିତ । ପତ୍ରିକା ସଂପାଦକମାନେ ଏବେ ତା'ଠାରୁ ଗୋଟେ କବିତା ପାଇବା ପାଇଁ ବାରମ୍ବାର ଚିଠି ଲେଖନ୍ତି । ସେ ମଧ୍ୟ ଏହି ପନ୍ଦର ବର୍ଷ ମଧ୍ୟରେ ପାଞ୍ଚୋଟି କବିତା ସଂକଳନର ପ୍ରଣେତା । ପ୍ରଶଂସାର ଅନେକ ପତ୍ର ପାଠକମାନଙ୍କ ପାଖରୁ । କେବଳ ଏତିକି ନୁହେଁ, ତା'ର କବିତା ସଂକଳନ 'ଓଦା ମାଟିର ବାସନା' ଯେଉଁଦିନ ଓଡ଼ିଆ ସାହିତ୍ୟ ଏକାଡେମୀ

ପୁରସ୍କାର ଲାଭ କରିବା ଖବର ମିଳିଲା, ସେ ଦିନ ତା'ମନ ଆନନ୍ଦରେ ନାଚି ଉଠିଥିଲା, କ୍ରିକେଟ୍ ଖେଳର ବୋଲର ହ୍ୟାଟ୍ରିକ୍ କଲାପରି । କଲେଜର ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏଥିପାଇଁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କଲେଜ ପରିସରରେ କରାଇଥିଲେ ।

ଚିଠିଟିଏ ଆସିଥିଲା ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସ୍ୱତନ୍ତ୍ର ନିମନ୍ତ୍ରଣ ଜଣାଇ ଏକ ମନୋଜ୍ଞ ପରିବେଶରେ ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣ କରିବା ପାଇଁ । ସେ ପୁରସ୍କାର ପ୍ରଦାନ କରିବେ ଆକାଶବାଣୀର ଆସିଷ୍ଟା ଡିରେକ୍ଟର ସାଗରିକା ମହାପାତ୍ର । କିଏ ଏହି ସାଗରିକା ମହାପାତ୍ର ? ସେଦିନର ସେହି କଲେଜ ପରିସରରେ କୃଷ୍ଣଚୂଡ଼ା ଗଛମୂଳେ ତା'ବ୍ୟକ୍ତିତ୍ୱକୁ ପଦାଘାତ କରିଥିବା ସେହି ଉଦ୍ଧତ ଛାତ୍ରୀ ନୁହେଁ ତ ? ସେ ଯିଏ ବି ହେଉନା କାହିଁକି ତାକୁ ପୁରସ୍କାର ଗ୍ରହଣ କରିବା ପାଇଁ ଯିବାକୁ ହେବ ।

ମାତ୍ର ଉତ୍ସବ ଦିନକ ଆଗରୁ ତା'ରୁମ୍ ସାମ୍ନାରେ ଗୋଟିଏ ମାରୁତି କାର୍ ଅଟକିଲା । ଦୁଆର ଖୋଲି ଦେଖେ ତ ସାଗରିକା ହାତରେ ଏକ ବିରାଟ ଫୁଲତୋଡ଼ା । ଅଭିନନ୍ଦନ ଜଣାଇ ହସି ହସି ପଶିଯାଇଥିଲା ସେ ତା'ରୁମ୍ ଭିତରକୁ । ମାତ୍ର ସାଗରିକା ଭଳି ଧନୀର ଦୁଲାଳୀକୁ ବଧେଇ ଜଣେଇବା ପାଇଁ ନା'ଥିଲା ତା' ପାଖରେ ଭାଷା, ନା ଥିଲା ସାମର୍ଥ୍ୟ । ମାତ୍ର ସାଗରିକା ଏକ ପ୍ରଗଳ୍ଭ ନଦୀପରି ଚଳଚ ଳ ହୋଇଉଠିଥିଲା ଏବଂ ତା'ର କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନଥିଲା ସେ । ଇତିମଧ୍ୟରେ ସେ ଯେ ତା'ର ସମସ୍ତ ବାଇଓଡାଟା ସଂଗ୍ରହ କରିନେଇଥିଲା, ସେ କଥା ମନୋଜ ବା କିପରି ଜାଣିବ ? ମନୋଜକୁ ଶୁଣେଇ ଶୁଣେଇ କହୁଥିଲା ସାଗରିକା, ଆପଣ ଜିତି ଯାଇଛନ୍ତି ମନୋଜବାବୁ, ଆଉ ମୁଁ.... ମୁଁ ହାରିଯାଇଛି ଏକ ପରାସ୍ତ ସୈନିକ ପରି ।

ତା'ର ଏଇ କେତେ ପଦ କଥାର ଆନ୍ତରିକତା ଓ ବ୍ୟାକୁଳତାର ଅନେକଦିନର ଜମାଟ ବନ୍ଧା ବରଫ ସୂର୍ଯ୍ୟକିରଣରେ ତରଳିଗଲାପରି ମନୋଜର ସମସ୍ତ ରାଗ, ଅଭିମାନ ମିଳେଇଯାଇ ତା'ମୁଖମଣ୍ଡଳରେ ଫୁଟି ଉଠୁଥିଲା ଏକ ସ୍ମିତହାସ୍ୟର ମଧୁର ରେଖା । ଅଜାଣତରେ ସେ ଟାଣି ହୋଇଯାଉଥିଲା ସାଗରିକା ଆଡ଼କୁ ନାଗସାପ ପଦ୍ମତୋଳା ଶୁଣି ଆଗେଇଲାପରି । ସାମ୍ନା ବଉଳ ଗଛର ଶାଖାରେ ଦୁଇଟି ହଳଦୀବସନ୍ତ ପାଖାପାଖି ବସି ପରସ୍ପର ଚ ୁ ଘଷୁଥିଲେ । ଜୀବନର ଏହି ଉ ର୍ଦ୍ଧ ମଧ୍ୟାହ୍ନରେ ସାଗରିକା ଭଳି ଏକ ଚଳଚ ଳ ଝିଅକୁ କିପରି ଖୁସି କରାଇପାରିବ, ଦର୍ଶନ ବିଭାଗର ଅଧ୍ୟାପକ ମନୋଜ ରାୟ, ଏକଥା ଭାବୁ ଭାବୁ ନିଜ ଜୀବନ ଦର୍ଶନକୁ ଦରାଣ୍ଡୁଥିଲା ଏକ ବିଗତ ଯୌବନା ନାରୀ ତା' ହଜିଲା ଯୌବନକୁ ଝୁରିହେଲାପରି ।

ବାସୁଦେବପୁର, ଭଦ୍ରକ

୦୦୦୦

# ପାପନାଶିନୀ

**ଅଭିମନ୍ୟୁ ବେହେରା**

ଅରବିନ୍ଦନ୍ ତରୁଣୀଟିକୁ କହିଲା, "ଯାହାହେଲେ ତୁ କିଛି କହ । ଅତି କମ୍‌ରେ ମୋ ପ୍ରଶ୍ନ ଗୁଡ଼ିକର ଉ ତ୍ତ ର ଦେ ।"

ଉପର ଆକାଶରେ ଛୋଟ ଛୋଟ ଭସାବାଦଲର ଆସର । ତଳେ କଳକଳ ନାଦିନୀ କ୍ଷୁଦ୍ର ଜଳଧାର । ପୁଣି ଉର୍ଦ୍ଧ୍ୱମୂଖୀ ହୋଇ ଖୋଲାଆକାଶ ଆଡ଼େ ଚାହିଁ ରହିଥିବା ଏହି ଜରାଧାରର ବୁକୁରେ ହସର ଜୁଆର । ସେଦିନ ଟୁରିଷ୍ଟମାନଙ୍କର ଭିଡ଼ ଖୁବ୍ କମ୍ ଥାଏ । ଏକ ନିର୍ଜନ ନିରୋଳା ରାସ୍ତାରେ ପାହାଡ଼ ଆଭମୁଖେ ଆଗେଇ ଚାଲିଛନ୍ତି ଦୁଇଜଣ । ଅରବିନ୍ଦନ୍ ଏବଂ ଗୋଟିଏ ତରୁଣୀ । ଘ ଣ୍ଟା । ଘ ଣ୍ଟା । ବିତିଯାଇଥିଲେ ମଧ ତରୁଣୀଟିର ମୁହଁରୁ ପଦେ କଥା ବାହାରୁ ନ ଥାଏ ।

"ଆମେ ଏହିପରି ସାଙ୍ଗ ହୋଇ କେତେଦିନ ବିତାଇ ଦେଇସାରିଲେଣି । ତୁ ଯଦି ସବୁବେଳେ ଏପରି ନିରବ ରହିବୁ ମୁଁ କ'ଣ କରିବି କହିଲୁ ?"

ନିଃସହାୟତା ପ୍ରକାଶ କରି, ତରୁଣୀଟି ମୁଖ ଅବନତ କଲା । ଅରବିନ୍ଦନ୍ କିନ୍ତୁ ତା'କୁ ସ୍ନେହପୂର୍ଣ୍ଣ ଚକ୍ଷୁରେ ଅନାଇବାକୁ ଲାଗିଲା । ସେ ଚାହାଣିରେ ଆଦୌ କୃତ୍ରିମତା ନଥିଲା । ତରୁଣୀଟିର ବୟସ ପନ୍ଦର ବର୍ଷରୁ କମ୍ ହେବ । ଅରବିନ୍ଦନ୍ ତା'କୁ ଭଲ ପାଇବାକୁ ଚେଷ୍ଟା କରୁଛି । ତରୁଣୀଟି ଅରବିନ୍ଦନ୍‌ଙ୍କୁ ଏକ ଅବିକଶିତ ପୁଷ୍ପକଳିକା ପରି ମନେହେଉଛି । ଅବଶ୍ୟ କଳିକାଟି କାହାରି ସ୍ପର୍ଶ ଅନୁଭବ କରିନାହିଁ ।

ଯାତ୍ରା ଆରମ୍ଭ କରିବା ପୂର୍ବରୁ ଅରବିନ୍ଦନ୍ ତରୁଣୀଟିକୁ ଦେଖି ନଥିଲା । କିନ୍ତୁ ତା'ର ବନ୍ଧୁ ନିକଟରୁ ତା'ବିଷୟରେ କିଛି ଜାଣିଥିଲା । ସେଦିନ ବନ୍ଧୁଙ୍କର ଅନୁପସ୍ଥିତିରେ ବନ୍ଧୁଙ୍କର ସୁନ୍ଦରୀ ପତ୍ନୀ ତା'ବିଷୟରେ କିଛି କହିଥିଲା ।

"ଆମ ପିଲାଗୁଡ଼ିକ ବହୁତ ଭଲ । ଯେହେତୁ ସେମାନଙ୍କର ଗୋଟିଏ ବଂଶଗତ ମର୍ଯ୍ୟାଦା ଅଛି, ତେଣୁ ସେମାନେ ତୁମ ଭଉଣୀମାନଙ୍କ ପରି ଅଭିମାନ ପ୍ରଦର୍ଶନ କରିବେ ।"

ବନ୍ଧୁ ମଧ ଠିକ୍ ସେଇକଥା କହୁଥିଲେ ।

ସୁନ୍ଦର ଏବଂ ସୁସଜ୍ଜିତ ଦୁଇଟି ଲମ୍ବା କୋଠାଘର ସମ୍ମୁଖରେ ଗାଡ଼ି ପହଞ୍ଚ୍ ଲାବେଳେ, ଅରବିନ୍ଦନ୍‌ର ବନ୍ଧୁ କହିଲେ- "ପୂର୍ବରୁ ଘର ଭଡ଼ାଟା ଦେଇଦେବାକୁ ପଡ଼ିବ । ସମ୍ପୂର୍ଣ୍ଣ ବିଶ୍ୱାସ ଥିବା ଝିଅପିଲାମାନଙ୍କୁ ସେମାନେ କେବଳ ରଖନ୍ତି । କେବଳ ଦିନେ ଦୁଇଦିନ ପାଇଁ ନୁହେଁ, ଦୁଇ ସପ୍ତାହ ପର୍ଯ୍ୟନ୍ତ ସେମାନେ ରହିବାର ସୁଯୋଗ ଦିଅନ୍ତି ।"

ତାଙ୍କୁ ଆଗରୁ କେବେ ଦେଖିଥିଲା ପରି ଅରବିନ୍ଦନ୍ କାହିଁ ମନେପଡ଼ିଲା ନାହିଁ । ସେମାନେ କେବଳ ଗୋଟିଏ ମାଲିକର ମୁଖ ଦର୍ଶନ କରୁଛନ୍ତି । ତଥାପି ଏତେ ବଡ଼ ଘର, ଏତେ ସୁନ୍ଦର ଅନ୍ତରୀକ୍ଷ । ସେଥିରେ ବାସିନ୍ଦା ହେଲେ ମା' ଏବଂ ଝିଅ ।

ଝିଅଟିକୁ ସେତେବେଳେ ଟିକେ ଦେଖିଦେଇଥିଲେ ଭଲ ହୋଇଥା'ନ୍ତା ।

କିନ୍ତୁ ସେ କହିଲେ - "ବ ର୍ତ୍ତ ମାନ ଏଠାରେ ନୁହେଁ ।"

ଯତୀନ୍ କହିଲା - ତୁମର ସନ୍ଦେହ କରିବାର କିଛି ନାହିଁ । ଝିଅଟି ଦେଖିବାକୁ ଖୁବ୍ ସୁନ୍ଦର, ଖୁବ୍ ଶାନ୍ତ ଏବଂ ଶିଷ୍ଟ । କଳିତକରାଳ କରେନାହିଁ ।

ଗୋଟିଏ ସମ୍ଭ୍ରାନ୍ତ ଘରର ଝିଅର ସମସ୍ତ ଲକ୍ଷଣ ତା'ଠାରେ ସୁସ୍ପଷ୍ଟ ।

ସେମାନେ ସମସ୍ତେ ଘେରିଯାଇ ନମ୍ରତା ପ୍ରଦର୍ଶନ କରି କହିଲେ - "ତୁମେ ତାକୁ ସ୍ନେହପୂର୍ଣ୍ଣ ବ୍ୟବହାର ଦେଖାଇବ ।

ପାହାଡିଆ ରାସ୍ତାରେ ଆଗକୁ ଆଗକୁ ଚାଲୁଥିବା ସମୟରେ ତରୁଣୀଟି ନିଜର ପାଦକୁ ଆୟତ୍ତ ରେ ରଖିପାରୁ ନଥିଲା । ଧଳା ସୂତାରେ ଅଙ୍ଗୁର ଲତାରେ ଚିତ୍ରିତ ନୀଳରଙ୍ଗର ଓଢ଼ଣୀଟିକୁ ମଥା ଉପରେ ପକାଇଥିଲା ସେ । ଓଢ଼ଣୀ କପଡ଼ା କିଣିଲାବେଳେ ଅରବିନ୍ଦନ୍ ତାହା ଦେଖି ନଥିଲା ।

"ଦ୍ୱିରଙ୍ଗୀ କପଡ଼ା" - ତା'ର ମାଲିକ କହୁଥିଲା ।

"ଭଲ ରଙ୍ଗର କପଡ଼ାଟିଏ ଆଣ । ସେଇଟା ବହୁତ ଛୋଟ ହେବ । ସାଥିରେ ଯିବାକୁ ହେବ ତ ? ଦାମ୍ ଟିକିଏ ଅଧିକ ହେଲେ ମଧ ଭଲ କପଡ଼ାଟିଏ ଦେବା ଉଚିତ୍ ।"

ପରିବେଶରେ ବିରାଜମାନ କରୁଥିଲା ନିର୍ଜନତା, ନିଃଶବ୍ଦତା । କେଉଁଆଡୁ ହେଲେ ମଧ ଟିକିଏ ସୁଦ୍ଧା ଶବ୍ଦ ଶୁଭୁ ନଥିଲା । ପାହାଡ଼ୀ ଫୁଲର ବାସ୍ନାରେ ମହକି ଉଠୁଥିଲା ବନପ୍ରଦେଶ ।

ଟେବୁଲ୍ ଉପରେ ଗୋଟିଏ ବଡ଼ ଡାଲାରେ ସଜ୍ଜା ହୋଇଥିବା ରଙ୍ଗ ବେରଙ୍ଗର ପାହାଡ଼ିଆ ଫୁଲ ।

"ଏ ଅଞ୍ଚଳର ପ୍ରଥା ହେଲା ଏଇଟା । ଲୁଗାପଟାର ଦାୟିତ୍ୱ ତୁମର ।" କାନ୍ଥରେ ଅଙ୍କା ଯାଇଥିବା ଉଡ଼ନ୍ତା ପକ୍ଷୀମାନଙ୍କର ଚିତ୍ରଗୁଡ଼ିକୁ ଅରବିନ୍ଦନ୍ ଚାହିଁ ରହିଥିବା ସମୟରେ ସେମାନେ ଏହା କହୁଥିବାର ଅରବିନ୍ଦନ୍ ଶୁଣିଥିଲା ।

ଲୁଗାଗୁଡ଼ିକ ଦାମିକା ହେଉ ବା ନ ହେଉ, ସେ ବିଷୟରେ ଚିନ୍ତା କରିବା ଉଚିତ୍ ନୁହେଁ । କେବଳ ଲୁଗାଗୁଡ଼ିକ ଏଠାରେ ପହଞ୍ଚିଲେ ହେଲା । ତା'ର ଇଚ୍ଛା ଅନୁସାରେ ସେ ବାଛିନେବ ।

ସବୁଠାରୁ ଦାମୀ ଦାମୀ ଲୁଗାଗୁଡ଼ିକ ଅରବିନ୍ଦନ୍ ବାଛିଲା । ସବୁଜ ରଙ୍ଗର ଲୁଗାଗୁଡ଼ିକ ତା'କୁ ଆଦୌ ଭଲ ଲାଗିଲା ନାହିଁ । ଏଣୁ ଗାଢ଼ ନୀଳରଙ୍ଗର ଲୁଗାସବୁ ସେ ବାଛିଲା । ସେହି ରଙ୍ଗର ବ୍ଲାଉଜ୍ ମଧ । ଏକଥା ଗୋଟି ଗୋଟି ହୋଇ ଅରବିନ୍ଦନ୍‌ର ମନେଅଛି ।

"ସବୁଠାରୁ ନୂଆ ଫେସନ୍ ।"

"ଏଇଟାଦରକାର ? ସେଇଟା ଦରକାର ?"

"ଦରକାର ।"

"ସବୁଠାରୁ ନୂଆ ଫେସନ୍ ।"

ସେତେବେଳେ ଅରବିନ୍ଦନ୍ ତାଙ୍କୁ ବସ୍ତ୍ରଗୁଡ଼ିକ ମାଧ୍ୟମରେ ଭଲ ପାଇବାକୁ ଆରମ୍ଭ କରିଥିଲା । ସେ ଥିଲା ତା'ପାଇ ଏକ କୌତୁକର ମାଧ୍ୟମ । ସେ ବାଛିଥିବା ଲୁଗାଗୁଡ଼ିକ ତା'କୁ ଖୁବ୍ ମାନୁଥିଲା । ତା'ର ଚାଲିଚଳନ, ବ୍ୟବହାର ଆଦିରେ ଅରବିନ୍ଦନ୍ ସନ୍ତୋଷ ଲାଭ କରୁଥିଲା । ଅରବିନ୍ଦନ୍ ତାକୁ ଭଡ଼ାରେ ଆଣିଛନ୍ତି ବୋଲି ଅନୁଭବ କରୁଥିଲା ସେ ।

"ଆମକୁ ଫେରିବାକୁ ପଡ଼ିବ । କେତେ ସମୟ ଧରି ଆଉ ଖାଲିଟାରେ ବସିବା ? କିଛି ସମୟ ପରେ ଆମ ଗାଡ଼ି ଆସି ପହଞ୍ଚିବ । ତୋର କିଛି କହିବାର ଅଛି ?"

ସେ ନାହିଁ କରିବାର ସୂଚନା ଦେଇ ଧୀରେ ମୁଣ୍ଡ ହଲାଇଲା ।

"କିଛି କହିବାର ନାହିଁ ? କିଛି କହ ? ଯାହାକିଛି ଆବଶ୍ୟକ କହ ? ଦେଖ, ଏଠାରେ ଆମକୁ ଛ' ସାତମାସ ରହିବାକୁ ହେବ । ଏହା ମଧ୍ୟରେ ଗୋଟିଏ ମାସ ବିତିଗଲାଣି । ସାମାନ୍ୟ ଟିକିଏ ଆନନ୍ଦ । ମୋର କ'ଣ କିଛି ଦୋଷତ୍ରୁଟି ରହିଯାଉଛି ?"

ସେ କିଛି ନ କହିବାର ଦେଖି ଅରବିନ୍ଦନ୍ ପଚାରିଲା - "ତୋତେ ଫୁଲଗୁଡ଼ିକ କ'ଣ ଭଲ ଦେଖାଯାଉନାହାନ୍ତି ? ରାସ୍ତାରେ ଦୁଇ ପାର୍ଶ୍ୱରେ ପାହାଡ଼ୀ ଫୁଲଗୁଡ଼ିକ ଆମକୁ ଦେଖି କିପରି ଖିଲି ଖିଲି ହୋଇ ହସୁଛନ୍ତି । ତୁ କ'ଣ ଦେଖିପାରୁନାହୁଁ ? ତୋର ଏଇ ଦୀର୍ଘ ଚୂର୍ଣ୍ଣ କୁଣ୍ଡଳରେ ପାହାଡ଼ି ଫୁଲଗୁଡ଼ିକର ସମ୍ମେଳନ ଖୁବ୍ ସୁନ୍ଦର ଦେଖାଯାଆନ୍ତା । ତୁ ସବୁବେଳେ ମୁହଁପୋତି ନିରବ ରହୁଛୁ କାହିଁକି ? ମୋ'ପରି ଏକ କ ର୍ତ୍ତା ଉପରେ ତୋର କ'ଣ ବିଶ୍ୱାସ ହେଉନାହିଁ । ତୋ ହୃଦୟରେ ସାମାନ୍ୟ ଟିକିଏ ଦୟାଭାବ କ'ଣ ଜାଗ୍ରତ ହେଉ ନାହିଁ ? ତୋତେ କେବଳ ସନ୍ତୁଷ୍ଟ କରିବା ପାଇଁ ମୁଁ ଏଠାକୁ ଆଣିଥିଲି । ତୁ କ'ଣ କିଛି ଜାଣିପାରୁନାହୁଁ ? ତୁ କ'ଣ କିଛି ଦେଖିପାରୁନାହୁଁ ? କିଛି କ'ଣ ଅନୁଭବ କରିପାରୁ ନାହୁଁ ? ସବୁବେଳେ ଏପରି ବିମୁଖ ହେଲେ ଲାଭ କ'ଣ ?

ତରୁଣୀଟି ହଠାତ୍ ମୁହଁ ଉଠାଇ ଅରବିନ୍ଦନ୍‌କୁ ଅନାଇଲା । ସେ ଚାହାଣିରେ ତା'ର ପରିଲକ୍ଷିତ ହେଉଥିଲା ଭ୍ରାନ୍ତତା ।

ଅରବିନ୍ଦନ୍ ତାକୁ ସାନ୍ତ୍ୱନା ଦେବାପାଇଁ ଦୁଇ ହାତରେ ଟେକିଧରିଲା ତା'ର ହସ୍ତ ଯୁଗଳକୁ । ଚିନ୍ତା କରିବାର କିଛି ନାହିଁ । ସବୁ କାମଗୁଡ଼ିକ ମୁଁ ସୂଚାରୁରୂପେ ସମ୍ପାଦନ କରିବି ଏବଂ ଏହା ନିରାଟ ସତ୍ୟ ।

କିଛି ନ କହି ନିରବ ରହିଲା ତରୁଣୀଟି । ସେ ଅରବିନ୍ଦନ୍‌କୁ ରହସ୍ୟମୟଭାବେ ଅଙ୍ଗୀକାର କରୁଥିଲେ ମଧ୍ୟ ପ୍ରକାଶ କରିପାରୁ ନଥିଲା । ପୂର୍ବପରି ପୁଣି ତଳକୁ ମୁହଁ ପୋତି ବସିଲା ସେ ।

ଅରବିନ୍ଦନ୍ ତା'ର ହାତ ଛାଡ଼ିଦେଇ କହିଲା - "ସବୁବେଳେ ତଳମୁହାଁ ହୋଇ ବସିବାଟା ଠିକ୍ ହେଉନାହିଁ । ଗୋଟିଏ କଥା ପଚାରିବି, ସମ୍ମତି ଦେବୁ ତ ?

ତରୁଣୀଟି ସମ୍ମତି ଜଣାଇ ମୁଣ୍ଡ ହଲାଇଲା ।

"ଆମେ ପରସ୍ପରକୁ ବିଭିନ୍ନ ପ୍ରଶ୍ନ ପଚାରିବା । ଭଲ ହେଉ ବା ମନ୍ଦ ହେଉ ତା'ର ଉ ତ୍ତ ର ଦେବାକୁ ଚେଷ୍ଟା କରିବା । ନିରବ ହୋଇ ବସିବାଟା ଠିକ୍ ନୁହେଁ । ଅବିଶିଷ୍ଟ ଦିବସଗୁଡ଼ିକରେ, ତୋତେ ଯେଉଁଟା ଭଲ ନ ଲାଗୁଛି ତାହା ଗ୍ରହଣ ନ କଲେ ଚଳିବ; କିନ୍ତୁ ଭଲ ଲାଗୁଥିବା ପଦାର୍ଥଗୁଡ଼ିକୁ ଗ୍ରହଣ କରିବା ଉଚିତ୍ ।"

ତରୁଣୀଟି କହିଲା- "ଠିକ୍ ଅଛି ।"

"ପ୍ରଥମେ ତୋ' ନାଁ କ'ଣ କହ ?"

ତରୁଣୀଟି ଅତ୍ୟନ୍ତ ନମ୍ର ସ୍ୱରରେ ଉ ତ୍ତ ରଦେଲା-

"ତୁମକୁ ଯେଉଁ ନାଁଟା ଭଲ ଲାଗୁଛି ସେହି ନାଁ'ରେ ମୋତେ ଡାକିଲେ ଚଳିବ ।"

"ତୋର ମା' କ'ଣ ତୋ'ପାଇଁ କିଛି ନାଁ ଦେଇନାହାନ୍ତି ?

"ମୋର କାହିଁ ମନେନାହିଁ ।"

"ତୋ' ମାଲିକ ତୋତେ କେଉଁ ନାଁ'ରେ ଡାକନ୍ତି ?"

"ସେଇଟାକୁ ସେମାନଙ୍କର ଭୁଲ୍ ହୁଏ । କାରଣ ସେମାନେ ମୋତେ ବିଭିନ୍ନ ନାମରେ ଡାକନ୍ତି ।"

"ତାହେଲେ ତୋର କ'ଣ ନିର୍ଦ୍ଦିଷ୍ଟ ନାଁ ନାହିଁ ?"

"ହଁ, ବିଭିନ୍ନ ଲୋକେ ମୋତେ ବିଭିନ୍ନ ନାଁ'ରେ ଡାକନ୍ତି । ଗୋଟିଏ ନାଁ ଅତିବେଶିରେ ମୋର ଗୋଟିଏ ମାସ ଯାଏ । ତା'ପରେ ସେ ନାଁଟା ମୁଁ ଭୁଲିଯାଏ ।

"ତାହେଲେ ସେ ନାଁ ଗୁଡ଼ାକ ତୋତେ କ'ଣ ଭଲ ଲାଗେନାହିଁ ?"

ନିର୍ବିଘ୍ନରେ ତରୁଣୀଟି କହିଲା -

"ସେଥିରେ ତୁମକୁ କ'ଣ ମିଳିବ । ତୁମପାଇଁ କ'ଣ ଗୋଟିଏ ନାଁ ଯଥେଷ୍ଟ ହେବନାହିଁ ?"

ଅରବିନ୍ଦନ୍ କହିଲା - "ତୋତେ ଭଲ ଲାଗୁଥିବା ଗୋଟିଏ ନାଁ କହ । ତା'ଛଡ଼ା ସମସ୍ତଙ୍କୁ ଭଲ ଲାଗିଲା ଭଳି ନାଁ ତ ପୁଣି ଅଛି ।"

"କିନ୍ତୁ ସେଥିରେ ପ୍ରୟୋଜନ କ'ଣ ? ମୋତେ ଭଲ ଲାଗିବାଠାରୁ ତୁମକୁ ଭଲ ଲାଗୁଥିବା ଆହୁରି ଭଲ ନାଁ କ'ଣ ନାହିଁ ?"

ତରୁଣୀଟିର କଥାବାର୍ତ୍ତା ଅରବିନ୍ଦନ୍‌କୁ ଭଲ ଲାଗିଲା । ତା' କଥାରେ ମାଧୁର୍ଯ୍ୟ ଭରି ରହିଥିବାର ଅରବିନ୍ଦନ୍ ଅନୁଭବ କଲା ।

ନାମକରଣର କଥା ଶେଷ ହେବାପୂର୍ବରୁ ସେମାନଙ୍କ ଗାଡ଼ି ଆସି ପହଞ୍ଚି ସାରିଥିଲା । ସେମାନେ ଯାଇ ଗାଡ଼ିରେ ବସିଲେ । ନଗର ଅଭିମୁଖେ ଆଗେଇ ଚାଲିଲା ଗାଡ଼ି । ନଗରର ଏକ ବଡ଼ ଲୁଗାଦୋକାନ ପାଖରେ ଅରବିନ୍ଦନ୍ ଗାଡ଼ି ଅଟକାଇବାକୁ କହିଲା ।

"ଏହି ଦୋକାନରେ ମନଲାଖି ଲୁଗାପଟା ମିଳିବ । ଅତିକମ୍‌ରେ ତୋତେ ତିନୋଟି ଡ୍ରେସ୍ ବାଛିବାକୁ ପଡ଼ିବ ।"

ଗାଡ଼ିର ଦ୍ୱାର ଖୋଲି ବାହାରକୁ ଆସିବାକୁ ସେ ତରୁଣୀଟିକୁ କହିଲା ।

ତରୁଣୀଟି କହିଲା, "ଆବଶ୍ୟକ ନାହିଁ । ଦୁଇ ତିନୋଟି ସପ୍ତାହ ବିତିଗଲେ ସରିଲା ।"

"ଆରେ, ସେତେବେଳେ କ'ଣ ହେବ ନ ହେବ, ସେଇଟା ଅଲଗା କଥା ।

ତଥାପି -"

ତରୁଣୀଟିର ଅନୁମତିକୁ ଅପେକ୍ଷା ନ କରି ଗାଡ଼ିରୁ ଓହ୍ଲାଇଲା ଅରବିନ୍ଦନ୍ । କଦଳୀପତ୍ରର ଗୋଟିଏ ଠୁଙ୍ଗାରେ କିଛି ମଲ୍ଲୀଫୁଲ ଆଣି, ତରୁଣୀଟି ପାଖରେ ଝୁଙ୍କପଡ଼ି ଅରବିନ୍ଦନ୍ କହିଲା, "କହ- ! ତୁ କ'ଣ ତୋ ସ୍ୱାମୀର ନିଜର ନୁହେଁ ? କହ ! ତୋର କ'ଣ ଆବଶ୍ୟକ ? କହ ! କେଉଁ ଆଡ଼କୁ ଯିବା ? ବସାକୁ ଫେରିଯିବା କି ? ପାଖରେ ଖୁବ୍ ସୁନ୍ଦର ବେଳାଭୂମି ଅଛି ।"

"ଆମେ ବସାକୁ ଫେରିଯିବା । କାରଣ ପିଲାବେଳେ ସମୁଦ୍ର ବେଳାଭୂମିରେ ଦୁଃଖର କାହାଣୀ ଏବେବି ମୋର ମନେଅଛି । ସେ ଏକ ଅଦ୍ଭୁତ ଘଟଣା ।"

"ଏକଦା ମା' ସମୁଦ୍ର କୂଳରେ ବୁଲିବା ପାଇଁ ନେଇଯାଇଥିଲା"- ଏତକ କହି ନିରବ ରହିଲା ତରୁଣୀଟି ।

"କଙ୍କଡ଼ା ପଛରେ ଦୌଡ଼ିବାର ଦୃଶ୍ୟ ଏବେବି ମୋର ମନେଅଛି ।"

"ତା'ପରେ ?"

"ତୁ ଏ ସ୍ତ୍ରୀ ଲୋକ ପାଖକୁ କିପରି ଆସିଲୁ । ମା' କ'ଣ ତୋତେ ଛାଡ଼ି ଚାଲିଗଲେ ?"

"ନା । ବର୍ତ୍ତମାନ ମା'ର ମୁହଁ ମୋର ମନେପଡୁନାହିଁ । ଧଳା ଶାଢ଼ୀ ପରିଧାନକାରୀ ଏକ ସୁନ୍ଦରୀ ସ୍ତ୍ରୀ ଥିଲା ମା' । ଏତକମାତ୍ର ମୋର ମନେଅଛି ।"

କିଛିଦିନ ଧରି ନିରବ ରହିଲା ଅରବିନ୍ଦନ୍ । ଦିନେ ସେ ଗାଧୁଆଘରକୁ ଗଲା । ଗାଧୁଆ ସାରି ଆସି ଦେଖିଲା, ତରୁଣୀଟି ଗୋଟାପଣେ ଝାଳରେ ଜୁଡୁବୁଡୁ ହୋଇଯାଇଛି । ହାତରେ ଥିବା ଓଦା ଟାୱେଲ୍‌ରେ ତରୁଣୀଟିର କପାଳର ଝାଳ ପୋଛି ଅରବିନ୍ଦନ୍ ପଚାରିଲା ତୁ କ'ଣ ଗାଧୋଇନାହୁଁ ?"

"ଗାଧୋଇବି ।"

ଗାଧୁଆଘରୁ ବାହାରିଲାବେଳେ, ଅରବିନ୍ଦନ୍ ଦେଇଥିବା ଦ୍ୱିତୀୟ ବସ୍ତ୍ରଟି ସେ ପିନ୍ଧିଥିଲା । ଏଥରକ ତରୁଣୀଟି ନିକଟରେ କିଛିଟା ଶାଳୀନତା ପ୍ରଦର୍ଶିତ

ହେଉଥିଲା । କଲର ନଥିବା ବ୍ଲାଉଜ୍‌ର ଫାଙ୍କ ମଧ୍ୟରୁ ତା'ର କୌମାରୀତ୍ୱର ସମସ୍ତ ଆଭା ପ୍ରକଟିତ ହେଉଥିଲା ।

ବ୍ଲେଡ୍‌ରେ କଟାଯାଇଥିବା ଏକ ମଲ୍ଲୀଫୁଲ ହାରର କିଛି ଅଂଶଧରି ଅରବିନ୍ଦନ୍ ତରୁଣୀଟି ପାଖରେ ପହଞ୍ଚିଲା ।

ଅରବିନ୍ଦନ୍ କହିଲା, "ଏଠାକୁ ଆ' । ମୁଁ ଏଇ ମଲ୍ଲୀ ହାରରେ ତୋ' ମୁଣ୍ଡ ସଜାଇଦେବି ।"

"ଆବଶ୍ୟକ ନାହିଁ । ଗୋଟିଏ ସଜଫୁଟା ଫୁଲକୁ ମାତୃ ବୃକ୍ଷରୁ ଛିନ୍ନ କରିବାର ଦୁଃଖ ମୁଁ ସହ୍ୟକରିପାରେ ନାହିଁ । ପୁଣି ସେଗୁଡିକ ବ୍ଲେଡ୍‌ରେ କଟାଯାଇଛି । ଏଣୁ ଫୁଲଗୁଡ଼ିକର ଦୟନୀୟ ଅବସ୍ଥା ଦେଖି ମୋତେ ବହୁତ ଦୁଃଖ ଲାଗୁଛି ।"

ଅରବିନ୍ଦନ୍ ବେପରୁଆ ଭାବେ ଟେବୁଲ ଉପରେ ଫୁଲଗୁଡ଼ିକୁ ରଖିଦେଲା । ତା'ର ସମସ୍ତ ଦୃଷ୍ଟି ଯାଇ ତରୁଣୀଟି ଉପରେ ସନ୍ନିବେଶିତ ହେଲା । ନିରବରେ ଏକ ଲୟରେ ଅରବିନ୍ଦନ୍ ଚାହିଁ ରହିଥିଲା ତରୁଣୀଟିକୁ । କ୍ରମେ କ୍ରମେ ଫୁଲଗୁଚ୍ଛର ଦୃଶ୍ୟ, ନାଁ ପଚାରିବାର ଦୃଶ୍ୟ, ଲଜ୍ଜା ଘଟଣାର ଦୃଶ୍ୟ । ଗୋଟି ଗୋଟି ହୋଇ ତା' ଚକ୍ଷୁ ସମ୍ମୁଖରେ ଉଭାସିତ ହୋଇଉଠିଲା ।

ମନେ ମନେ କହିଉଠିଲା, - "ନିର୍ବୋଧ । "

ସ୍ତ୍ରୀ ଲୋକମାନେ ପୁରୁଷ ଲୋକମାନଙ୍କ ମୁହଁକୁ ଚାହିଁ କିଛି କହିପାରନ୍ତି ନାହିଁ, ନୁହେଁ ? ଅରବିନ୍ଦନ୍ ଦୁଇ ହାତରେ ମୁହଁ ଲୁଚାଇ ପଚାରିଲା - "ତୋର ସବୁଠାରୁ ଆଗ୍ରହର ବସ୍ତୁ କ'ଣ ? ମୋର ସାଧ୍ୟତା ମଧ୍ୟରେ ଥିଲେ ମୁଁ ତାହା ଆଣିଦେବି ।"

ସେ ତାକୁ ବିବାହ କରିବାକୁ କହିବ ବୋଲି ଅରବିନ୍ଦନ୍ ଭାବିଥିଲା ।

ହଠାତ୍ ତରୁଣୀଟି ଆସି ଅରବିନ୍ଦନ୍ ଗୋଡ଼ତଳେ ପଡ଼ିଗଲା । ତରୁଣୀଟିର କେଶରାଶି ଅରବିନ୍ଦନ୍‌ର ପଦଯୁଗଳରେ ଲହଡ଼ି ଭାଙ୍ଗିଲା ।

-"ତୁମେ ଜଣେ ନିରୀହ ବ୍ୟକ୍ତି । ତୁମେ ମୋତେ ଗ୍ରହଣ କରି ତୁମର ପାପମାତ୍ରାକୁ ବୃଦ୍ଧି କରନାହିଁ ବରଂ ତୁମେ ତୁମର ପାପ ରାଶିକୁ କ୍ଷୟ କରିବାକୁ ଚେଷ୍ଟାକର । ଏତକ ମୋର ମିନତି ?"

ଦେଉଳି, ବାସୁଦେବପୁର, ଭଦ୍ରକ

୦୦୦୦



# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

## A Complete Coaching for

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

NILADRI VIHAR, NAYA BAZAR, CUTTACK-753004, ODISHA
E-mail : voiceforvoiceless2013@gmail.com
whatsapp : +91 88957 07011 / Website : www.pracheevoice.in

Follow us :


## INVITATION

SUNDAY MEETING AT 10 AM
VENUE-R.S TUTARIAL, INFRONT OF CHRIST COLLEGE MAIN GATE,
SURYALOK LANE CHANDI CHACK, CUTTACK
COLLECT ID CARD AND GET INFORMATION.

Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

NILADRI VIHAR, NAYA BAZAR, CUTTACK-753004, ODISHA
E-mail : voiceforvoiceless2013@gmail.com
whatsapp : +91 88957 07011 / Website : www.pracheevoice.in

Follow us :

# ଆପଣଙ୍କର ମୁଠାଏ ଦାନା ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**




ସମ୍ପାଦକ : ଡ. ବିଭୂଦତ୍ତ ଖଣ୍ଡାୟତରାୟ